# ମତ୍ସ୍ୟାବତାର

ନୀଳମଣି ମିଶ୍ର




Digitized by srujanika@gmail.com

# ମତ୍ସ୍ୟାବତାର

ନୀଳମଣି ମିଶ୍ର

ବିଦ୍ୟାପୁରୀ
କଟକ

Digitized by srujanika@gmail.com

ପ୍ରଥମ ପ୍ରକାଶ ଏପ୍ରିଲ ୧୯୮୯
ଦ୍ୱିତୀୟ ମୁଦ୍ରଣ ୧୯୯୨

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ରେନ୍‌ବୋ ଅଫ୍‌ସେଟ୍ ପ୍ରାଇଭେଟ୍ ଲିମିଟେଡ୍
ଭୁବନେଶ୍ୱର

ମୂଲ୍ୟ—ଟ ୬.୦୦

Digitized by srujanika@gmail.com

# ମତ୍ସ୍ୟ ଅବତାର

## ଏକ

ମହା ପ୍ରଳୟ ସମୟ ଆସିଗଲା । ଆଉ ମାତ୍ର ସାତ ଦିନ ପରେ ସମଗ୍ର ଜଗତ ଜଳରେ ବୁଡ଼ିଯିବ । ବିଧାତା ନିଜର କାମଗୁଡ଼ିକୁ ଶୀଘ୍ର ଶେଷ କରୁଥିଲେ । ତେଣୁ ସେ କାମ କରି କରି ଥକି ପଡ଼ିଲେ । ଶେଷରେ ସେ ନିଦରେ ଶୋଇ ପଡ଼ିଲେ ।




ସୃଷ୍ଟିକର୍ତ୍ତା ଶୋଇ ପଡ଼ିବା ମାତ୍ରେ ତାଙ୍କ ମୁହଁ ଖୋଲିଗଲା । ଚାରି ମୁଖରୁ ଚାରି ବେଦ ବାହାରି ପଡ଼ିଲେ । ସେତିକି ବେଳେ ଶଙ୍ଖାସୁର (କେତେକ

Digitized by srujanika@gmail.com

ପୁରାଣ ଅନୁସାରେ ହୟଗ୍ରୀବ ଅସୁର) ଏହା ଦେଖି ପାରିଲା । ସେ ସମୁଦ୍ର କୂଳରେ ରହି ଉପରକୁ ଅନାଇଥିଲା । ସେ ଦେଖିଲା ବ୍ରହ୍ମାଙ୍କର ବେଦଯାକ ନିଶ୍ବାସରୁ ଖସିପଡ଼ିବ । ତହୁଁ ସେ ସାବଧାନ ହୋଇଯାଇ ଭାବିଲା—'ଯଦି ବେଦଯାକ ଆସି ମୋ ମୁହଁରେ ପଡ଼ିଯାଏ, ତେବେ ମୁଁ ବ୍ରହ୍ମା ହୋଇଯିବି । ଜଗତର ସୃଷ୍ଟିକର୍ତ୍ତା ମୁଁ ହେବି । ମୋ ଠାରୁ ଆଉ କେହି ବଡ଼ହୋଇ ରହିବେ ନାହିଁ ।' ଶଙ୍ଖାସୁର ଏପରି ଚିନ୍ତା:କରି କରି ଉପରକୁ ଚାହିଁ ରହିଲା । ସେ ଅଥୟ ହୋଇ ସେଇଠାରେ ଅପେକ୍ଷା କଲା ।




ତେଣେ କ୍ଷୀର ସାଗରରେ ବିଷ୍ଣୁ ଶେଷ ଶଯ୍ୟାରେ ଶୋଇଥିଲେ ।

Digitized by srujanika@gmail.com

ସେ ଦିବ୍ୟ ଦୃଷ୍ଟିରେ ଦେଖିଲେ—ଶଙ୍ଖାସୁର ଉପରକୁ ଚାହିଁ ରହିଛି । ତାହା ଦେଖି ସେ ଚିନ୍ତିତ ହୋଇ ପଡ଼ିଲେ । ବେଦ ଅସୁର ମୁହଁରେ ପଡ଼ିଗଲେ, ତାର ପରିଣାମ ଭଲ ହେବ ନାହିଁ । ବେଦ ନ ରହିଲେ ପୃଥିବୀର ଅବସ୍ଥା କ'ଣ ହେବ ? ବେଦ ବିନା ସୃଷ୍ଟି କିପରି ଚାଲିବ !

ତେଣୁ ବିଷ୍ଣୁ କ୍ଷୀର ସାଗରରୁ ଉଠି ଆସିଲେ । ସେ ଧୀରେ ଧୀରେ ମର୍ତ୍ତ୍ୟଲୋକ ଆଡ଼କୁ ଆଗେଇ ଗଲେ । ତାଙ୍କ ମନରେ ସନ୍ତୋଷ ନ ଥାଏ ।

ଭଗବାନ ଦୂରରୁ ଲକ୍ଷ୍ୟକଲେ ଶଙ୍ଖାସୁର ଉପରକୁ ଚାହିଁ ଠିଆ ହୋଇଛି । ତେଣେ ପିତାମହଙ୍କ ମୁହଁରୁ ବେଦ ଖସି ଆସୁଛି । ସେ ବ୍ୟସ୍ତ ହୋଇ ପଡ଼ିଲେ । ହୁଏତ ଏଇଲେ ଅସୁର ମୁଖରେ ବେଦ ପଡ଼ିଯିବ । ସେ ଭାବିଲେ— ତା'ହେଲେ ଅବସ୍ଥା କ'ଣ ହେବ ? ଶଙ୍ଖାସୁର ତ ଜଳରେ ବୁଡ଼ି ରହିବ । ତା ନିକଟରୁ ବେଦ ଉଦ୍ଧାର କରାଯିବ କିପରି ?

ବିଷ୍ଣୁ ମନେ ମନେ ଭାବିଲେ—ତା'ହେଲେ, ମୁଁ କ'ଣ ବେଦକୁ ନିଜେ ଗ୍ରହଣ କରିନେବି କିମ୍ବା ଶଙ୍ଖାସୁରକୁ ମାରି ଜଗଦ୍‌ବାସୀଙ୍କ ଦୁଃଖ ଦୂର କରିବି ?

ବିଷ୍ଣୁ କିଛି ସ୍ଥିର କରି ପାରିଲେ ନାହିଁ । ସମୁଦ୍ର କୂଳରେ ଠିଆ ହୋଇ ଶଙ୍ଖାସୁର ବେଦ ନେଇଯିବା ପାଇଁ ଅପେକ୍ଷା କରି ବସିଥିଲା । ସେ ମନେ ମନେ ଭାବୁଥିଲା—'ବେଦ ମୋ ହାତକୁ ଆସିଯାଉ, ତା'ପରେ ମୁଁ ସବୁ

Digitized by srujanika@gmail.com

ଠିକ୍ କରିଦେବ । ଆଉ କିଛିଦିନ ପରେ ମୁଁ ବ୍ରହ୍ମା ପାଲଟି ଯିବି । ସୃଷ୍ଟି ରଚନା କରିବା ଦାୟିତ୍ୱ ହେବ ମୋର । ମୋତେ ବିଧାତା ରୂପେ ଦେବଗଣ ପୂଜା କରିବେ । ବେଦ ମୋ ମୁହଁରେ ପଢ଼ିଗଲେ ମୁଁ ମହାଜ୍ଞାନୀ ହୋଇଯିବି ।

ଭଗବାନ ସମସ୍ତଙ୍କ ଅନ୍ତର କଥା ଜାଣି ପାରନ୍ତି । ସେ ଅସୁରର ମନ କଥା ଜାଣି ପାରିଲେ । ସେ ଅସୁରର ଭାବନା ଜାଣିପାରି ହସି ଦେଇ କହିଲେ— 'ଦୁଷ୍ଟ ଶଙ୍ଖାସୁର, ମୁଁ ତୋ ମନର କଥା ବୁଝିଛି । ତାହା କେବେ ହେଲେ ପୂରଣ ହୋଇପାରିବ ନାହିଁ । ତୋ ଭଳି ଦୁଷ୍ଟ ଅସୁର ଦ୍ୱାରା ପୃଥିବୀର ମଙ୍ଗଳ କେବେହେଲେ ହୋଇ ନାହିଁ । ଏବେ ମଧ୍ୟ ତୋ ଦ୍ୱାରା ଜଗତର ମଙ୍ଗଳ ହୋଇ ପାରିବ ନାହିଁ ।'

ଭଗବାନ ପରମେଶ୍ୱର ଏହିପରି ଚିନ୍ତା କରୁଛନ୍ତି । ଏହି ସମୟରେ ରାଜର୍ଷି ସତ୍ୟବ୍ରତଙ୍କ ଉପରେ ତାଙ୍କ ଦୃଷ୍ଟି ପଡ଼ିଲା । ସେ ସମୁଦ୍ର ଜଳରେ ଛିଡ଼ା ହୋଇ ତର୍ପଣ କରୁଥାଆନ୍ତି । ତାଙ୍କୁ ଦେଖିବା ମାତ୍ରେ ବିଷ୍ଣୁ ମନେ ମନେ ଆନନ୍ଦିତ ହେଲେ ।

ସତ୍ୟବ୍ରତ ଜଣେ ଉତ୍ତମ ରାଜା ଥିଲେ । ସେ ସାରା ଜୀବନ ପୁଣ୍ୟକର୍ମରେ କଟାଇଥିଲେ । ଶେଷ ଅବସ୍ଥାରେ ସାଧୁ ହୋଇ ଯାଇ ଅରଣ୍ୟରେ ରହୁଥିଲେ । ତେଣୁ ପରମେଶ୍ୱର ତାଙ୍କୁ ଦୟା କଲେ । ସେ ମନେ ମନେ ଭାବିଲେ—ସତ୍ୟବ୍ରତ ମୋତେ ଅନେକ ଦିନରୁ ଚିନ୍ତା କରୁଛି । ଏବେ ମୁଁ ତା'ର ମନକାମନା ପୂରଣ କରିବି । କିନ୍ତୁ ଏବେ ମୁଁ ତାକୁ ଏ ବିଷୟରେ କିଛି ଜଣାଇବି

Digitized by srujanika@gmail.com

ନାହିଁ । ହେଲେ ଶଙ୍ଖାସୁରର ଇଚ୍ଛା ପୂରଣ କରିବାକୁ ଦେବ ନାହିଁ । ସେ ଯେପରି ଶୀଘ୍ର ମୃତ୍ୟୁମୁଖରେ ପଡ଼ିବ, ତା'ର ଉପାୟ ମୋତେ ଶୀଘ୍ର ଚିନ୍ତା କରିବାକୁ ହେବ ।

ଏହା ପରେ ପରମେଶ୍ୱର ମୀନ ଅବତାର ଧାରଣ କରିବାକୁ ମନରେ ଚିନ୍ତା କଲେ । କାରଣ ଜଳରେ ନ ରହିଲେ, ଶଙ୍ଖାସୁରକୁ ବଧ କରିହେବ ନାହିଁ । ଏହା ଫଳରେ ଦୁଇଟି କାର୍ଯ୍ୟ ସାଧନ କରିହେବ । ମୁଁ ଦେବତାମାନଙ୍କୁ ଉଦ୍ଧାର କରି ପାରିବି ଏଣେ ଶଙ୍ଖାସୁର ମୋର ହାତରେ ନିପାତ ହେବ । ତା ବ୍ୟତୀତ ଋଷି ସତ୍ୟବ୍ରତଙ୍କୁ ମଧ୍ୟ ଭଲ ବାଟକୁ ନେଇ ହେବ । ସେ ସାରା ଜୀବନ ଯେଉଁ ସାଧନା କରିଛନ୍ତି, ତାର ସୁଫଳ ପାଇ ପାରିବେ । ସେ ମୋର ପରମ ଭକ୍ତ । ତାଙ୍କ ପାଇଁ ଏତକ ମୋତେ କରିବାକୁ ହେବ । ଏହା ଭାବି ଭଗବାନ ଗୋଟିଏ ଶ୍ରେଷ୍ଠ ମୀନ ରୂପ ଧାରଣକଲେ । ସେ ଆନନ୍ଦରେ ପାଣିରେ ଖେଳି-ବୁଲିଲେ । ଧୀରେ ଧୀରେ ପାଣିରେ ପହଁରି ପହଁରି ସେ ସତ୍ୟବ୍ରତଙ୍କ ପାଖକୁ ଆସିଲେ ।

ଶ୍ରେଷ୍ଠ ମୀନଟିଏ ଜଳରେ ପହଁରି ପହଁରି ତାଙ୍କ ଆଡ଼କୁ ଆସୁଥିବାରୁ, ସତ୍ୟବ୍ରତ ତାକୁ ନିରୀକ୍ଷଣ କରି ଚାହିଁଲେ । ସେ ପିତୃପିତାମହଙ୍କୁ ଜଳ ତର୍ପଣ କରୁଥିବାବେଳେ ଦେଖିଲେ, ମୀନଟି ତାଙ୍କ ଅଞ୍ଜଳି ମଧ୍ୟରେ ଆନନ୍ଦରେ ଖେଳୁଛି । ସେ ଅତି ଦୁଃଖିତ ହୋଇ ଭାବିଲେ ବିଚରା ମୀନଟି ମୋ' ଅଞ୍ଜଳି ଭିତରକୁ ଆସି ଯାଇଛି, ଏହାକୁ ପୁଣି ଜଳରେ ଛାଡ଼ିଦେବା ଉଚିତ ହେବ । ମୁନି ଥିଲେ—ପରମ ଦୟାଳୁ । ଜୀବମାନଙ୍କ ପ୍ରତି ତାଙ୍କ ମନରେ ଅଶେଷ ଦୟା ପୂରି ରହିଥିଲା ।

Digitized by srujanika@gmail.com



ରାଜର୍ଷି ସତ୍ୟବ୍ରତଙ୍କ ମନରେ ଏପରି ବିଚାର ଆସିବାରୁ, ସେ ମୀନଟିକୁ ଗମ୍ଭୀର ଜଳ ଭିତରକୁ ଛାଡ଼ି ଦେବା ଲାଗି ବାହାରିଲେ । ଏହି ସମୟରେ ମୀନଟି ମଣିଷଙ୍କ ପରି କହିଲା—'ରାଜନ, ତୁମେ ମୋତେ ଆଉ ସାଗର ଭିତରକୁ ଛାଡ଼ ନାହିଁ । ସେଠାରେ ବଡ଼ ବଡ଼ ଜନ୍ତୁମାନେ ଅଛନ୍ତି । ସେମାନେ ନିମିଷକେ ମଧ୍ୟରେ ମୋତେ ଗିଳି ଦେବେ ।

ସତ୍ୟବ୍ରତ ତହୁଁ ଚମକି ପଡ଼ିଲା ପରି ମାଛଟିକୁ ଅନାଇଲେ । ମୀନଟି

Digitized by srujanika@gmail.com

ମଣିଷଙ୍କ ପରି କଥା କହିବ ବୋଲି ତାଙ୍କର ଧାରଣା ନ ଥିଲା । ସେ ତାର କରୁଣ ଭାଷା ଶୁଣି କହିଲେ—'ତା ହେଲେ ମୁଁ ତୁମକୁ କେଉଁଠି ଛାଡ଼ିବି ? ତୁମେ ତ ଜଳଚର । ଜଳ ବିନା ତୁମ ପକ୍ଷରେ ରହିବା ଅସମ୍ଭବ ।'

ମୀନରୂପୀ ନାରାୟଣ କହିଲେ—'ମୁନିବର, ତୁମେ ମୋତେ କମଣ୍ଡଳୁରେ ରଖିନିଅ । ମୁଁ ସେହି ଠାରେ ସୁଖରେ ରହିବି । ନଦୀ, ପୋଖରୀ ଓ ସମୁଦ୍ରରେ ରହିବା ଲାଗି ମୋତେ ଡର ମାଡ଼ୁଛି । ତେଣୁ ତୁମେ ମୋ ପ୍ରତି ଦୟାକର ।'

ମୀନର ନିବେଦନରେ ସେ ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରଥମେ ସେ ମୀନ ତୁଣ୍ଡରୁ ମଣିଷର ସ୍ୱର ଶୁଣି ମନେ ମନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତା'ପରେ ସେ ମୀନ ର ନିବେଦନ ଶୁଣି ଆହୁରି ଚିନ୍ତାରେ ପଡ଼ିଗଲେ । କାରଣ ମାଛମାନେ ଜଳରେ ରହିବା ଲାଗି ଭଲ ପାଆନ୍ତି । ନଦୀ, ପୋଖରୀ ଅଥବା ସମୁଦ୍ର ଭିତରେ ସେମାନେ ଆନନ୍ଦରେ ଖେଳି ବୁଲି ଗତାଗତ କରନ୍ତି । ଜଳ ହେଉଛି—ମୀନର ପ୍ରାଣ । ଜଳ ବିହୁନେ ମୀନ ଘଡ଼ିଏ ବି ବଞ୍ଚି ପାରିବ ନାହିଁ । ସେପରି ଅବସ୍ଥାରେ ମୀନଟି ମୋ କମଣ୍ଡଳୁରେ ରହିବା ପାଇଁ ମୋତେ ଅନୁରୋଧ କରୁଛି କିପରି ? ନିଶ୍ଚୟ ଏହା ମଧ୍ୟରେ କିଛି ନା କିଛି ରହସ୍ୟ ରହିଛି ।

ଶେଷରେ ସତ୍ୟବ୍ରତ ମାଛଟିର କଥା ରଖିଲେ । ସେ ଯତ୍ନର ସହିତ ମାଛଟିକୁ ନେଇ ନିଜ କମଣ୍ଡଳୁ ଭିତରେ ରଖିଲେ । ତାଭିତରେ ମାଛଟି ମନ

Digitized by srujanika@gmail.com

ଖୁସିରେ ଖେଳିଲା । ଏହା ଦେଖି ସତ୍ୟବ୍ରତ ପୁଣି ଭାବିଲେ—'ନାଃ, ଏହା ଗୋଟିଏ ସାଧାରଣ ମାଛ ନୁହେଁ । ନିଶ୍ଚିତ ଭାବରେ ଏହା ମୂଳରେ କିଛି ନା କିଛି ରହସ୍ୟ ରହିଛି ।'

## ଦୁଇ

ରାଜର୍ଷି ସତ୍ୟବ୍ରତଙ୍କ ମନରୁ ଚିନ୍ତା ଦୂର ହେଲା ନାହିଁ । ସେ ମାଛଟି ବିଷୟରେ ଚିନ୍ତା କରିବାକୁ ଲାଗିଲେ—ଏ' ଗୋଟିଏ ଅଦ୍‌ଭୁତ ଜୀବ । ସେ ଜଳ ଚର । ଗଭୀର ଜଳରେ ରହିବାକୁ ଚାହୁଁ ନାହିଁ । ଅଥଚ ମୋ କମଣ୍ଡଳୁ ମଧ୍ୟରେ ରହିବାକୁ ପସନ୍ଦ କରୁଛି । ପୁଣି ଏ ମଣିଷ ଭାଷାରେ କଥା କହୁଛି । ଏଥିରେ ନିଶ୍ଚୟ କିଛି ରହସ୍ୟ ରହିଛି ।

ସକାଳୁ ସତ୍ୟବ୍ରତ ଉଠି ପ୍ରଥମେ ମାଛଟିକୁ ଦେଖିଲେ । ସେ ରାତ୍ରିକ ମଧ୍ୟରେ ବେଶ୍ ବଢ଼ି ଯାଇଥିଲା । ସେ ଲକ୍ଷ୍ୟ କଲେ—କମଣ୍ଡଳୁ ଭିତରେ ଆଉ ମାଛଟି ରହି ପାରୁ ନାହିଁ । ତା ଲାଞ୍ଜ ବାହାରକୁ ବାହାରି ଆସୁଛି ।

ସତ୍ୟବ୍ରତ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଖି ଖୋଷି ହୋଇଗଲା । ସେ ମାଛଟିକୁ କେତେ ସମୟ ଚାହିଁ ରହିଲେ । ମାଛଟି ତାଙ୍କ ଆଡ଼କୁ ଚାହିଁଥିଲା । ସେ ଚାହାଣିରୁ କରୁଣ ଭାବ ଫୁଟି ଉଠୁଥିଲା । ତା ପରେ ସେ କହିଲା—'ମୁନିବର, ଆପଣଙ୍କ ପାତ୍ରଟି ନିତାନ୍ତ ଛୋଟ । ମୋତେ ଏଥିରେ ଜାଗା ହେଉ ନାହିଁ । ମୁଁ ଏଥିରେ ରହିବ କେମିତି ? ଦେଖନ୍ତୁ, ମୋ ଲାଞ୍ଜ ବାହାରକୁ ବାହାରି

Digitized by srujanika@gmail.com

ପଡ଼ୁଛି । ମୁଁ ଏଥିରେ ରହି ପାରିବ ନାହିଁ । ମୋତେ ଆପଣ ଆଉ ଗୋଟିଏ ବଡ଼ ପାତ୍ରରେ ରଖନ୍ତୁ ।

ସତ୍ୟବ୍ରତ ବଡ଼ ଅଡ଼ୁଆରେ ପଡ଼ି ଭାବିଲେ—ଋଷି ଆଶ୍ରମରେ ଆଉ ବଡ଼ ପାତ୍ର ଆସିବ କୁଆଡ଼ୁ ? ତଥାପି ଏହାକୁ ଗୋଟିଏ ବଡ଼ ପାତ୍ରରେ ରଖିବାକୁ ପଡ଼ିବ । ନୋହିଲେ, ସେ ବିଚାରୀ ଟିକିଏ ଖେଳାବୁଲା କରିପାରିବ ନାହିଁ ?

ଏହା ଭାବି ମୁନି ଗୋଟିଏ ବଡ଼ ହାଣ୍ଡିରେ ପାଣି ପୂରାଇ ଦେଲେ । ସେଥିରେ ନେଇ ମାଛଟିକୁ ଛାଡ଼ି ଦେଲେ । ମାଛଟି ବଡ଼ ହାଣ୍ଡିରେ ରହିବା ମାତ୍ରେ ଆନନ୍ଦରେ ଖେଳି ବୁଲିଲା । ସତ୍ୟବ୍ରତଙ୍କ ମନରୁ ଚିନ୍ତା ଦୂର ହୋଇଗଲା ।

କିନ୍ତୁ ସେ ମାଛ ବିଷୟରେ ସବୁବେଳେ ଭାବିବାକୁ ଲାଗିଲେ । ଜପ, ତପ, ପୂଜା ପାଠରେ ତାଙ୍କ ମନ ଲାଗିଲା ନାହିଁ । ସେ ଜୀବନରେ ଏପରି ଗୋଟିଏ ମାଛ ଦେଖି ନ ଥିଲେ । ତେଣୁ ସବୁବେଳେ ସେଇ ମାଛଟି ତାଙ୍କ ଆଖିରେ ଲାଗି ରହିଲା । ବିଶେଷତଃ, ମାଛ ମଣିଷ ପରି କଥା କହୁଥିବାରୁ, ସେ ବେଶୀ ଚିନ୍ତାରେ ଘାରି ହେଉଥିଲେ ।

ସେ ଦିନଟି ବିତିଗଲା । ପରଦିନ ସକାଳ ହେବା ମାତ୍ରେ ସତ୍ୟବ୍ରତ ମାଛ ହାଣ୍ଡି ପାଖକୁ ଗଲେ । ସେ ଯାହା ଦେଖିଲେ ସେଥିରେ ଅବାକ୍ ହୋଇଗଲେ । ତାଙ୍କ ପାଟିରୁ କଥା ବାହାରିଲା ନାହିଁ ।

ରାତିକ ଭିତରେ ମାଛଟି ଦୁଇଗୁଣ ହୋଇଯାଇଥିଲା । ହାଣ୍ଡି ଭିତରେ ସେ କାଙ୍କୁରି କୁଙ୍କୁରି ହୋଇ ରହିଥିଲା । ସତ୍ୟବ୍ରତ ସେଠାକୁ ଆସିବା ମାତ୍ରେ,

Digitized by srujanika@gmail.com

ମାଛଟି ତାଙ୍କୁ ବକଳରେ ଗୁହିଁ ରହିଲା । ଋଷିରାଜ ବଡ଼ ଅଡ଼ୁଆରେ ପଡ଼ିଗଲେ । ସେ ଅବାକ୍ ହୋଇ ମାଛ ହାଣ୍ଡିକୁ ଗୁହିଁ ରହି ଭାବଲେ—ଏ' କି ଯାଦୁବିଦ୍ୟା । ରାତିକ ଭିତରେ ମାଛଟା ଦୁଇଗୁଣ ହୋଇଗଲା କିପରି ? ଏତେ ଶୀଘ୍ର ମାଛ ବଢ଼େ ନାହିଁ । ଏ' ଗୋଟିଏ ମାଛ ନାଁ, ଗୋଟେ କୁହୁକ ଯେଉଁ ?

ଏତିକିବେଳେ ମାଛ ବିକଳ ହୋଇ କହିଲା—'ମୁନିବର, ମୁଁ ଏଠାରେ ଅଣନିଃଶ୍ୱାସୀ ହୋଇଗଲିଣି । କାଲି ରାତିରୁ ମୁଁ ଏଠାରେ ହଲଚଲ ହୋଇ ପାରୁ ନାହିଁ । ପାଣି ଭିତରେ ଚଲାବୁଲା ନ କଲେ ମୁଁ ବଞ୍ଚିବି କିପରି ?

ସତ୍ୟବ୍ରତ ବିଚଳିତ ହୋଇ କହିଲେ—'ମୋତେ କିଛି ବୁଦ୍ଧି ଦିଶୁ ନାହିଁ । ମୁଁ ତୁମପାଇଁ ଏବେ କରିବି କ'ଣ ? ତୁମେ ଯେପରି ଭାବରେ ବଢ଼ିବାକୁ ଲାଗିଲଣି, ତୁମକୁ ଏ ସାରା ବିଶ୍ୱ ବି ନିଅଣ୍ଟ ହେବ । ମୋତେ କିଛି ଉପାୟ ଦିଶୁନାହିଁ ।'

ମାଛଟି ପୁଣି ବିନୀତଭାବେ କହିଲା—'ରାଜନ, ଆପଣ ଋଷିର୍ଷି । ଶେଷ ଜୀବନରେ ପୁଣି ଋଷି ଜୀବନଯାପନ କରୁଛନ୍ତି । ମୁଁ ଆପଣଙ୍କ ଶରଣ ପଶିଛି । ମୋତେ ରକ୍ଷା କରିବା ଦାୟିତ୍ୱ ଆପଣଙ୍କର । ଆପଣ ମୋତେ ନେଇ ଆଉ କେଉଁଠି ଛାଡ଼ି ଦିଅନ୍ତୁ । ମୋପାଇଁ ଅଧିକ ପାଣି ଦରକାର । ଆପଣଙ୍କର ମଙ୍ଗଳ ହେବ ରାଜନ୍ । ଆପଣ ଆଉ ବିଳମ୍ବ କରନ୍ତୁ ନାହିଁ । ମୋତେ ଖୁବ୍ କଷ୍ଟ ହେଉଛି ।

Digitized by srujanika@gmail.com

ଏକଥା ଶୁଣି ସତ୍ୟବ୍ରତ କହିଲେ—'ହେଉ ମୁଁ ତୁମକୁ ନେଇ ଆଶ୍ରମର ପୋଖରୀରେ ଛାଡ଼ି ଦେଉଛି ।'

ଏହା କହି ସତ୍ୟବ୍ରତ ମାଛଟିକୁ କାଢ଼ିଲେଇ ପୋଖରୀ ପାଖକୁ ନେଇଗଲେ । ମାଛଟିକୁ ପୋଖରୀରେ ଛାଡ଼ିଦେବା ମାତ୍ରେ ସେ ଲାଞ୍ଜ ପିଟି, ପାଣି ଭିତରେ ଖେଳିବୁଲିଲା । 'ସତ୍ୟବ୍ରତ, ତା ଆଡ଼କୁ ଚାହିଁ କହିଲେ— "ଏଥର ତୁମକୁ ଆଉ ଅସୁବିଧା ହେବ ନାହିଁ । ତୁମେ ଏଠାରେ ସୁଖରେ ବୁଲିବୁଲି କର ।"

ମାଛଟି ସତ୍ୟବ୍ରତଙ୍କ ଆଡ଼କୁ ଚାହିଁ କହିଲା—'ରାଜନ୍, ତୁମର ମଙ୍ଗଳ ହେଉ । କିନ୍ତୁ ମୁଁ ତୁମର ଶରଣ ପଶିଛି । ମୋ ଭଲମନ୍ଦ ତୁମକୁ ଲାଗିଲା । ମୋତେ ଏଠାରେ ଛାଡ଼ିଦେଇ ତୁମେ ନିଶ୍ଚିନ୍ତ ହେବ ନାହିଁ । ଅନ୍ତତଃ ଦିନରେ ଥରେ ଆସି ମୋତେ ଦେଖିଯିବ ।' ସତ୍ୟବ୍ରତ ଏଥିରେ ରାଜିହୋଇ କହିଲେ, 'ଏହା ମୋର କେବଳ ଧର୍ମ ନୁହେଁ, ମୋର କର୍ତ୍ତବ୍ୟ ମଧ୍ୟ । ମୁଁ ନିଶ୍ଚୟ ପ୍ରତିଦିନ ଥରେ ତୁମକୁ ଦେଖିଯିବି । ତୁମକୁ ଏହି ପୋଖରୀରେ ଆଦୌ କଷ୍ଟ ହେଉ ନାହିଁ ତ ?'—ଏହା କହି ମୁନି ସତ୍ୟବ୍ରତ ସେଠାରୁ ଚାଲିଗଲେ ।

ସତ୍ୟବ୍ରତ ଚାଲିଯିବା ପରେ ମାଛଟି ମନଖୁସିରେ ଖେଳିବାକୁ ଲାଗିଲା । ସତ୍ୟବ୍ରତ ନିଜ ଆଶ୍ରମକୁ ଚାଲିଗଲେ । ସେ ଶିଷ୍ୟମାନଙ୍କ ଆଗରେ ମାଛର କାହାଣୀ କହିଲେ । ସମସ୍ତେ ସତ୍ୟବ୍ରତଙ୍କ କଥା ଶୁଣି ଭାବିଲେ— ପ୍ରକୃତରେ, ସେ ଗୋଟିଏ ମାଛ ନା, କେଉଁ ଦେବତାଙ୍କର ଅବତାର ।

Digitized by srujanika@gmail.com

ଜଣେ ଶିଷ୍ୟ କହିଲେ—'ହୁଏତ, ସେ କୌଣସି ଦେବତା ହୋଇପାରେ । କାହାର ଅଭିଶାପରୁ ସେ ଗୋଟିଏ ମାଛ ହୋଇ ଯାଇଛି । ନୋହିଲେ, ଏପରି ମାଛ ତ କେଉଁଠି ଥିବାର କେବେ ଶୁଣାଯାଇ ନ ଥିଲା ।

ପ୍ରଥମେ ପ୍ରଥମେ ଏ ଘଟଣା ବିଷୟରେ ଆଶ୍ରମବାସୀମାନେ ଶୁଣିଥିଲେ । ଧୀରେ ଧୀରେ ଏ' ଘଟଣା ଚାରିଆଡ଼େ ପ୍ରଘଟ ହୋଇଗଲା । ସମସ୍ତେ ସେହି ମାଛ ବିଷୟରେ ଆଲୋଚନା କରିବାକୁ ଲାଗିଲେ ।

ସନ୍ଧ୍ୟା ବେଳକୁ ଋଷିରାଜ ପୁଣି ପୋଖରୀ କୂଳକୁ ଗଲେ । ତାଙ୍କୁ ଦେଖି ମୀନରୂପୀ ନାରାୟଣ କହିଲେ—'ମୁନିରାଜ, ଯେ ପରର ଉପକାର କରେ, ତାକୁ ପ୍ରଭୁ ସହାୟ ହୁଅନ୍ତି । ପରୋପକାରୀ ପ୍ରାଣୀ ଜୀବନରେ କେବେ ହେଲେ ଦୁଃଖ ପାଏ ନାହିଁ ।

ମାଛର କଥା ଋଷିଙ୍କୁ ବେଶ୍ ଭଲ ଲାଗିଲା । ସେ ଆଉ କିଛି ନ କହି ପୋଖରୀ କୂଳରୁ ଆଶ୍ରମକୁ ଫେରି ଆସିଲେ ।

## ତିନି

ସତ୍ୟବ୍ରତଙ୍କୁ ରାତିରେ ଭଲ ନିଦ ହେଲା ନାହିଁ । ସେ ଭାବୁଥିଲେ—'ଏ' ମାଛଟି ଏପରି ଭାବରେ ବଢ଼ି ଯାଉଛି କାହିଁକି ? ମୋ' ଆଞ୍ଜୁଳା ଭିତରେ ଥିବାବେଳେ ସେ କେଡ଼େ ଛୋଟଟିଏ ଥିଲା । କମଣ୍ଡଳରେ ଥିବାବେଳେ ସେ ଖୁବ୍ ଛୋଟ ମାଛଟିଏ ଥିଲା । ଗୋଟିଏ ରାତି ଭିତରେ ସେ ଏଡ଼େ ବଡ଼ ହୋଇଗଲା କିପରି ? ସତରେ, ଏ' କି ରହସ୍ୟ ? ରାଜର୍ଷି ଆଉ ଅଧିକ ଚିନ୍ତା

Digitized by srujanika@gmail.com

କରିପାରିଲେ ନାହିଁ । ସେ କେବଳ ଭାବୁଥିଲେ— ମାଛଟି ମୋ ଶରଣ ପଶିଛି । ତାକୁ ଯେପରି ହେଉ ମୁଁ ରକ୍ଷା କରିବି । ସକାଳ ହେବା କ୍ଷଣି ସେ ପୋଖରୀ କୂଳକୁ ଚାଲିଗଲେ ।

ରାତିକ ଭିତରେ ମାଛଟି ଖୁବ୍ ବଢ଼ିଯାଇଥିଲା । ପୋଖରୀ ଭିତରେ ତାକୁ ଜାଗା ହେଉ ନ ଥିଲା । ବଡ଼ ପୋଖରୀଟା ମାଛଟିକୁ ଛୋଟ ହେଉଥିଲା ।

ସତ୍ୟବ୍ରତଙ୍କୁ ଦେଖି ମାଛ କହିଲା—'ରାଜନ୍, 'ଏ ପୋଖରୀରେ ଆଉ ମୋତେ ଜାଗା ହେଉ ନାହିଁ । ମୁଁ ଏବେ କ'ଣ କରିବି ?'

ସତ୍ୟବ୍ରତ ମାଛର ଆକାର ଦେଖି ଅବାକ୍ ହୋଇଗଲେ । ରାତିକ ଭିତରେ ମାଛଟି ଦଶଗୁଣ ବଢ଼ିଯାଇଥିଲା । ସେ କ'ଣ କରିବେ, କିଛି ଭାବି-ପାରିଲେ ନାହିଁ ।

କିଛି ସମୟ ନୀରବ ରହିବା ପରେ ସେ କହିଲେ—'ମୋ ପାଖରେ ତୁମେ ଶରଣ ପଶିଛ । ମୁଁ ତୁମର ସୁରକ୍ଷାର ଭାର ଗ୍ରହଣ କରିଛି । ମୁଁ ମୋ ଦାୟିତ୍ୱ ଠିକ୍ ଭାବରେ ପୂରଣ କରିବି । ମୁଁ ତୁମକୁ ଗୋଟିଏ ବଡ଼ ହ୍ରଦକୁ ନେଇଯିବି । ସେଠାରେ ତୁମକୁ ଆଦୌ କଷ୍ଟ ହେବ ନାହିଁ ।'

ଏହା ଶୁଣି ମାଛଟି ଖୁସି ହୋଇଗଲା । ସତ୍ୟବ୍ରତ ଆଶ୍ରମରୁ ତାଙ୍କ ଶିଷ୍ୟମାନଙ୍କୁ ଡାକି ଆଣିଲେ । ସମସ୍ତେ ମିଶି ତାକୁ କୌଣସିମତେ ପୋଖରୀରୁ ବାହାର କଲେ । ଗୋଟିଏ ବଡ଼ ଠେଲାଗାଡ଼ିରେ ମାଛଟିକୁ ଥୋଇଲେ । ଶିଷ୍ୟମାନେ ମିଶି ଠେଲା ଗାଡ଼ିକୁ ହ୍ରଦ ପର୍ଯ୍ୟନ୍ତ ଠେଲି ଠେଲି ନେଇଗଲେ ।

Digitized by srujanika@gmail.com

ମାଛଟିକୁ ଗାଡ଼ୁରୁ ଓହ୍ଲାଇ ହ୍ରଦରେ ଛାଡ଼ି ଦିଆଗଲା । ମାଛଟି ହ୍ରଦରେ ପଡ଼ିବା ମାତ୍ରେ ପ୍ରଥମେ ଖୁବ୍ ତେଣିକି ଖୁବ୍ ଖେଳି ବୁଲିଲା । ତା'ପରେ ସେ ରାଜାଙ୍କ ଆଡ଼କୁ ଚାହିଁ କହିଲା—'ରାଜନ୍, ଆପଣ ମୋତେ ଏକୁଟିଆ ଛାଡ଼ି ଯାଆନ୍ତୁ ନାହିଁ । ମୋତେ ଭୟ ଲାଗୁଛି । ଏଠାକାର ଜଳଜନ୍ତୁମାନେ ମୋତେ ହାଇରାଣ କରିଦେବେ । ମୁଁ ନିଜକୁ ରକ୍ଷା କରିପାରିବି ନାହିଁ । ଆପଣ ଏହିଠାରେ ରହନ୍ତୁ । କାରଣ ଆପଣ ମୋତେ ଶରଣ ଦେଇଛନ୍ତି ।'

ସତ୍ୟବ୍ରତ ଆଉ କରନ୍ତେ କ'ଣ ? ସେ ସେହିଠାରେ ରହିଲେ । ହ୍ରଦ କୂଳରେ ସେ ଆସନ ବିଛାଇ ବସି ରହିଲେ । ମାଛଟି ଆନନ୍ଦରେ ପାଣି ଭିତରେ ଖେଳି ବୁଲିଲା ।

Digitized by srujanika@gmail.com

ଋଷିରାଜ ସେହିଠାରେ ରାତଟି ବିତାଇ ଦେଲେ । ସକାଳେ ତାଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ ମାଛଟି ହ୍ରଦରେ ଗୋଟିଏ ପାଖରେ ପଡ଼ି ରହିଛି । ସେ ମୁନି ସତ୍ୟବ୍ରତଙ୍କୁ ଦେଖିବା ମାତ୍ରେ ମୁଣ୍ଡ ଉଠାଇ କହିଲା—

—'ମୁନିରାଜ, ଆପଣ ମୋ ଅବସ୍ଥା ଦେଖୁଛନ୍ତି ତ ? ଆଉ ଏଠାରେ ମୋତେ ଜାଗା ହେଉ ନାହିଁ । କାଲି ରାତିରୁ ମୋ ଶରୀର ବଢ଼ିଗଲାଣି । ମୁଁ ଅତି କଷ୍ଟରେ ରାତିଟି ବିତାଇଛି । ଏ ଛୋଟିଆ ହ୍ରଦରେ ମୁଁ କିପରି ରହିପାରିବି ?'

ସତ୍ୟବ୍ରତଙ୍କ ପାଟିରୁ କଥା ବାହାରିଲା ନାହିଁ । ସେ ମନେ ମନେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । ସେ କହିଲେ—'ମାଛ, ତୁମ ପାଖରେ କି ରହସ୍ୟ ରହିଛି ? ମୁଁ ତୁମକୁ ଆଦୌ ବୁଝିପାରୁ ନାହିଁ । ମୁଁ ତୁମ ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ତୁମକୁ ନେଇ ମୁଁ ଆଉ କେଉଁଠି ଛାଡ଼ିବି ?'

ମୀନରୂପୀ ଭଗବାନ କହିଲେ, 'ମୁଁ ଆପଣଙ୍କ ଶରଣ ପଶିଛି । ଆପଣ ମୋତେ ଯେଉଁଠି ଛାଡ଼ିବେ, ମୁଁ ସେଇଠି ରହିବି । ଆପଣ ମୋତେ ରକ୍ଷା କରିବେ' ।

'ମତ୍ସ୍ୟରାଜ, ତୁମେ ମୋତେ ବଡ଼ ଅଡ଼ୁଆରେ ପକାଇଲଣି । ପ୍ରକୃତରେ ତୁମେ କିଏ, ମୁଁ ଆଦୌ ବୁଝିପାରୁ ନାହିଁ । ମୁଁ ଭାବୁଛି—ତୁମେ ମୋତେ ପରୀକ୍ଷା କରିବା ପାଇଁ ଆସିଛ । ମୋତେ କୁହ ତୁମେ କିଏ ?' କହିଲେ ସତ୍ୟବ୍ରତ ।

ମୀନରାଜ କହିଲେ—'ରାଜନ୍, ମୁଁ ଗୋଟିଏ ଅସହାୟ ମୀନ ।

Digitized by srujanika@gmail.com

ଆପଣ ମୋତେ ଶରଣ ଦେଇଛନ୍ତି । ସେଥିପାଇଁ ମୁଁ କୃତଜ୍ଞ । ଆପଣ ମୋତେ ରକ୍ଷା କରିବା ପାଇଁ କଥା ଦେଇଛନ୍ତି ।'

ସତ୍ୟବ୍ରତ ଆଶ୍ଚର୍ଯ୍ୟ ହୋଇ ମାଛ ଆଡ଼କୁ ଚାହିଁ ରହିଲେ । କ'ଣ ଉତ୍ତର ଦେବେ, ସେ ଭାବିପାରିଲେ ନାହିଁ । ସେ ପୁଣି କେଉଁଠି ନେଇ ମାଛଟିକୁ ଛାଡ଼ିବେ । ସେଇ ବିଷୟ ଚିନ୍ତା କରିବାକୁ ଲାଗିଲେ ।

ଏହା ମଧ୍ୟରେ ମାଛଟି ବ୍ୟସ୍ତ ହୋଇ ପଡ଼ିଲା । ତାକୁ ଅନ୍ୟସ୍ଥାନକୁ ନେଇଯିବା ଲାଗି ସେ ସତ୍ୟବ୍ରତଙ୍କୁ ଅନୁରୋଧ କଲା । ସତ୍ୟବ୍ରତ ଅବାକ୍ ହୋଇ ମାଛଟି ଆଡ଼କୁ ଚାହିଁ ରହିଲେ ।

## ଚାରି

କେତେ ଦିନ ପରେ ରାଜର୍ଷି ସତ୍ୟବ୍ରତ ମାଛଟିକୁ ଆଉ ଗୋଟିଏ ହ୍ରଦକୁ ନେଇଗଲେ । ସେ ହ୍ରଦଟି ଖୁବ୍ ବଡ଼ ଥିଲା । ମାଛ ସେଥିରେ ଖୁବ୍ ଖୁସିରେ ରହିଲା ।

ଆଉ କେତେ ଦିନ ଗଡ଼ିଗଲା । ମାଛଟି ସତ୍ୟବ୍ରତଙ୍କୁ କହିଲା—'ରାଜନ୍, ମୋତେ ଏଠାରେ ବଡ଼ ଅସୁବିଧା ହେଉଛି । ମୋତେ ଆଉ ଗୋଟିଏ ବଡ଼ ଜାଗାକୁ ନେଇ ଚାଲନ୍ତୁ ।'

ରାଜର୍ଷି ତାକୁ ପୁଣି ଆଉ ଗୋଟିଏ ବଡ଼ ହ୍ରଦକୁ ନେଇଗଲେ । ତା'ପରେ ସତ୍ୟବ୍ରତ ମନେ ମନେ ଭାବିଲେ—'କ'ଣ ଏ' ମାଛ ମୋତେ ପରୀକ୍ଷା କରିବାକୁ ଆସିଛି ? ତା'ହେଲେ ଏ' କିଏ ? କାହିଁକି ମୋତେ ଏ' ପରୀକ୍ଷା

Digitized by srujanika@gmail.com

କରୁଛି ? ଏହା କ'ଣ କୌଣସି ଦେବମାୟା ? ଯା'ହେଉ ପଛକେ, କୌଣସି ମତେ ମୁଁ ଏହାକୁ ରକ୍ଷା କରିବି ।'

ମାଛଟି ଏହା ମଧ୍ୟରେ ପୁଣି ବଢ଼ିଯିବାରୁ, ରାଜର୍ଷି ଆଖପାଖ ଗାଁରୁ କେତେ ଜଣ ବଳୁଆ ଲୋକଙ୍କୁ ଡ଼ାକିଲେ । ତାଙ୍କର ସାହାଯ୍ୟରେ ସେ ତାକୁ ଅନ୍ୟ ସ୍ଥାନକୁ ନେଇଗଲେ ।

ସତ୍ୟବ୍ରତ ଏହା ମଧ୍ୟରେ ମାଛଟି ପାଇଁ ଅନେକ ଚିନ୍ତା କଲେ । ସେ ଆଦୌ ଭାବିପାରୁ ନ ଥିଲେ ଯେ ମାଛଟି ଦେବତା ନା ଅସୁର ? ଏ କାହିଁକି ମୋତେ ପରୀକ୍ଷା କରୁଛି ? ଏହାର ଉଦ୍ଦେଶ୍ୟ କ'ଣ ?

ସେ'ଦିନ ରାତିରେ ସତ୍ୟବ୍ରତ ଗୋଟିଏ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଜଣେ କେହି କହୁଥିଲା—'ଏ ମାଛଟି ଗୋଟିଏ ମାୟା । ରାଜର୍ଷି, ତୁମେ ଏହା ପାଲରେ ପଡ଼ନାହିଁ । ତୁମେ କ'ଣ ଜାଣିପାରୁନ, ମାଛ କେବେ କ'ଣ ମଣିଷଙ୍କ ପରି କଥା କହିପାରେ ।'

ରାଜର୍ଷି ସତ୍ୟବ୍ରତ ସ୍ୱପ୍ନ ଦେଖିବା ପରେ ଉଠି ବସିଲେ । ସେ ସ୍ୱପ୍ନ ବିଷୟ ଭାବି ମନକୁ ଦୃଢ଼ କରି ନେଇ କହିଲେ—'ମୁଁ ମୋ କର୍ତ୍ତବ୍ୟ ପଥରୁ କେବେ ହେଲେ ପଛଘୁଞ୍ଚା ଦେବି ନାହିଁ । କ୍ଷତ୍ରିୟ କେବେ ହେଲେ କଥା ଦେଇ ପଛେଇ ଯାଏ ନାହିଁ । ମୁଁ ମାଛଟିକୁ ଶରଣ ଦେଇଛି । ତାକୁ ରକ୍ଷା କରିବା ଦାୟିତ୍ୱ ଗ୍ରହଣ କରିଛି । ଭବିଷ୍ୟତରେ କିଛି ଖରାପ ହୋଇପାରେ । ତାକୁ ଚିନ୍ତା କରି ମୁଁ ପରୋପକାରରୁ ଓହରିଯିବି ନାହିଁ । ଶେଷକୁ ଯାହା ପରମେଶ୍ୱରଙ୍କ ଇଚ୍ଛା, ତାହା ହେବ ।'

Digitized by srujanika@gmail.com

ମାଛ ଚିନ୍ତାରେ ସତ୍ୟବ୍ରତଙ୍କ ନିତ୍ୟକର୍ମ ଅସ୍ତବ୍ୟସ୍ତ ହୋଇଗଲା । ସେ ନିୟମ ଅନୁସାରେ ପୂଜାପାଠ, ଧ୍ୟାନ ଧାରଣା କରିପାରିଲେ ନାହିଁ । ସେ ଦିନରାତି କେବଳ ବିଚିତ୍ର ମାଛଟି ବିଷୟରେ ଚିନ୍ତା କରିବାକୁ ଲାଗିଲେ ।

ଏହା ମଧ୍ୟରେ ମାଛଟି ପୁଣି ବଢ଼ିବାକୁ ଲାଗିଲା । ରାଜା ସତ୍ୟବ୍ରତ ସବୁକାମ ଛାଡ଼ି ମାଛଟିକୁ ନେଇ ଅନ୍ୟ ଜଳ ଭାଗରେ ଛାଡ଼ିଲେ ।

ଦିନେ ମାଛଟି ସତ୍ୟବ୍ରତଙ୍କୁ ଚିନ୍ତିତ ଥିବାର ଦେଖି କହିଲା—'ରାଜନ୍, ତୁମେ ମୋ ପାଇଁ ଖୁବ୍ ଚିନ୍ତା କରୁଛନା ? ତୁମ ବ୍ୟତୀତ ମୋର ଆଉ କେହି ସାହା ଭରସା ନାହିଁ । ତୁମେ ମୋର ରକ୍ଷା କରିବାର ଦାୟିତ୍ୱ ନେଇଛ, ସେ ନେଇ ମୁଁ ଆନନ୍ଦିତ । ନୋହିଲେ ଜଳଚରମାନେ ମୋତେ ଖୁବ୍ ହଇରାଣ କରିଦେଇଥା'ନ୍ତେ । ମୁଁ ତୁମକୁ କେଉଁ ଭାଷାରେ ଧନ୍ୟବାଦ ଜଣାଇବି ।'

ରାଜର୍ଷି ସତ୍ୟବ୍ରତ ମାଛକୁ ଉତ୍ତର ଦେଇ କହିଲେ—'ମୀନରାଜ ତୁମେ ଚିନ୍ତା କରନାହିଁ । ମୁଁ ମୋ ଦାୟିତ୍ୱରୁ ଓହରି ଯିବି ନାହିଁ । ଯା'ହେଲେ ହେଉ ପଛକେ, ମୁଁ ତୁମକୁ ସୁବିଧାରେ ରଖିବି । ତୁମକୁ ଟିକିଏ ମାତ୍ର ଅସୁବିଧା ହେଲେ ମୁଁ ପ୍ରାଣ ଦେଇ ତୁମ ପାଇଁ ସୁବିଧା କରିବି ।'

ସତ୍ୟବ୍ରତ ନିଜ ଆଶ୍ରମ ଛାଡ଼ି ସେହି ହ୍ରଦ କୂଳରେ ରାତି ଦିନ ବସି ରହିଲେ । ସେ ଆଉ ପୂଜାପାଠ କରିପାରିଲେ ନାହିଁ ।

ସତ୍ୟବ୍ରତ ଥିଲେ—ଧୀର, ସ୍ଥିର ଓ ଗମ୍ଭୀର । ସେ ସାମାନ୍ୟ କଥାରେ ବିବ୍ରତ ହେଉ ନ ଥିଲେ । ଯେ କୌଣସି କଠିନ କାମକୁ ସହଜରେ ତୁଛାଇ

Digitized by srujanika@gmail.com

ଦେଉଥିଲେ । କିନ୍ତୁ ମାଛଟି ଆସିବା ଦିନରୁ ତାଙ୍କ ବସ୍ତୁରଧାରା ବଦଳି ଯାଇଥିଲା । ତଥାପି ସେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥାଆନ୍ତି । କାରଣ ସେ ଜାଣିଥିଲେ—ସମସ୍ତ ଗତି ସହିତ ତାଙ୍କ ସମସ୍ୟା ନିଶ୍ଚୟ ଦୂର ହୋଇଯିବ । ସମସ୍ୟାକୁ ଭୟ କରି ସେ ପଛକୁ ପାଦ ପକାଇବାକୁ ଆଦୌ ପ୍ରସ୍ତୁତ ହେଲେ ନାହିଁ । ବେଳେ ବେଳେ ସେ ଏଣୁ ତେଣୁ କେତେ କ'ଣ ଭାବି ଯାଉଥିଲେ । କିନ୍ତୁ ସେ କର୍ତ୍ତବ୍ୟ ଆଗରେ ସବୁକିଛି ମଧ୍ୟ ଏଡ଼ାଇ ଚାଲିଥିଲେ । ମାଛଟିକୁ ଯେକୌଣସି ମତେ ରକ୍ଷା କରିବା ତାଙ୍କର ଏକମାତ୍ର କର୍ତ୍ତବ୍ୟ ହୋଇ ଯାଇଥିଲା । ସେ ସବୁ କାମଧନ୍ଦା ଛାଡ଼ି କେବଳ ମାଛଟିର ସୁରକ୍ଷାରେ ଲାଗି ପଡ଼ିଲେ ।

## ପାଞ୍ଚ

ରାଜର୍ଷି ସତ୍ୟବ୍ରତଙ୍କ ମନରେ ପୁଣି ନୂଆ ନୂଆ ସମସ୍ୟା ଦେଖାଗଲା । ସେ ଥିଲେ—ପରମେଶ୍ୱରଙ୍କ ଭକ୍ତ । ପ୍ରତିଦିନ ସେ ପୂଜାପାଠରେ ଅଧିକ ସମୟ ବିତାଉଥିଲେ । ଭଗବାନଙ୍କ ପୂଜାପାଠ ପାଇଁ ସେ ବନକୁ ଆସିଥିଲେ । ବନରେ ସେ ଶିଷ୍ୟମାନଙ୍କ ଗହଣରେ ଆଶ୍ରମ ଜୀବନଯାପନ କରୁଥିଲେ । କିନ୍ତୁ ମାଛଟି ଆସିବା ଦିନରୁ ତାଙ୍କ ପୂଜା ପାଠ ଏକାବେଳକେ ବନ୍ଦ ହୋଇ ଯାଇଥିଲା । ଭଜନ, ପୂଜନ କରିବାକୁ ଆଦୌ ସେ ସମୟ ପାଉ ନ ଥିଲେ ।

ଦିନେ ରାତିରେ ସତ୍ୟବ୍ରତଙ୍କୁ ଆଦୌ ନିଦ ଲାଗିଲା ନାହିଁ । ସେ ବିଛଣାରେ ଉଠି ବସି ପଡ଼ିଲେ । କେତେ ଦିନ ହେବ ତାଙ୍କର କାମରେ ବାଧା

Digitized by srujanika@gmail.com

ଉପୁଜିଥିବାରୁ, ସେ ବିଶେଷ ଚିନ୍ତିତ ହୋଇ ଉଠିଲେ । ସେ ଚିନ୍ତା କଲେ— ଯଦି ମାଛଟି ଏହିପରି ଭାବରେ ନିତ ବଢ଼ିବ, ମୁଁ ତାକୁ ନେବି କେଉଁଠି କି ? ଏ'ତ ଦିନକୁ ଦିନ ଅସମ୍ଭବ ଭାବରେ ବଢ଼ି ଚାଲିଛି । ଏହାର ଶେଷ ପରିଣତି କେଉଁଠି ?

ସେହିପରି ଚିନ୍ତା କରି କରି ସେ ରାତିଟି ବିତାଇ ଦେଲେ । ସକାଳ ହେଲା । ସତ୍ୟବ୍ରତ ନିତ୍ୟକର୍ମ ଶୀଘ୍ର ଶେଷ କରିଦେଲେ । ସ୍ନାନ ସାରି ସେ ଧାଇଁଗଲେ ହ୍ରଦ କୂଳକୁ । ସେ ଦୂରରୁ ଦେଖିଲେ, ମାଛଟି ଗତକାଲି ଅପେକ୍ଷା ପ୍ରାୟ ଦଶଗୁଣ ବଢ଼ି ଯାଇଛି । ମୁନିରାଜ ତାକୁ ଦେଖିବା ମାତ୍ରେ ପଚାରିଲେ— 'ମୀନରାଜ, କାଲି ତୁମକୁ କିଛି ଅସୁବିଧା ହୋଇ ନାହିଁ ତ ?'

ଏହା ଶୁଣିବା ମାତ୍ରେ ମାଛଟି ଆଗପରି ମନୁଷ୍ୟ ପରି କହିଲା—'ସେ କଥା ପଚାରନ୍ତୁ ନାହିଁ ରାଜନ୍ ।'

'ତୁମେ କ'ଣ ଦେଖିପାରୁନାହଁ ? ମୁଁ କାଲି ସାରା ରାତି ବଡ଼ ଅସୁବିଧାରେ କଟାଇଛି । ଏଠାରେ ମୋତେ ଜାଗା ହେଉ ନାହିଁ ।' ଦୁଃଖିତ ହୋଇ କହିଲେ ମୀନରାଜ ।

'ମତ୍ସ୍ୟରାଜ 'ଏ' ହ୍ରଦଟି ର ଲମ୍ବ ଆଠଶହ ମାଇଲ । ଏହା ଯଦି ତୁମ ପାଇଁ ଛୋଟ ହେବ, ମୁଁ କରିବି କଅଣ ? ମୋତେ ଆଉ ବୁଦ୍ଧି ଦିଶୁନାହିଁ । ମୁଁ ଏବେ ତୁମକୁ ନେବି କେଉଁଠିକି ?' କହିଲେ ସତ୍ୟବ୍ରତ ।

Digitized by srujanika@gmail.com

ସତ୍ୟବ୍ରତ ଖୁବ୍ ବିବ୍ରତ ହୋଇ ପଡ଼ିଲେ । ସେ ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରି ଉପାୟ ଚିନ୍ତା କଲେ ।

ମୀନରାଜ ନୀରବ ନ ରହି ସତ୍ୟବ୍ରତଙ୍କୁ କହିଲେ—'ରାଜନ୍, ମୁଁ ଏଠାରେ ଅଣନିଃଶ୍ୱାସୀ ହୋଇ ପଡ଼ିଲଣି । ମୋତେ ଆପଣ ଯଦି ଏଠାରୁ ନେଇ ନ ଯିବେ, ତେବେ ମୁଁ ନିଶ୍ଚୟ ମରିଯିବି । ଏଠାରେ ମୋତେ ଖୁବ୍ କଷ୍ଟ ହେଉଛି ।'

ରାଜର୍ଷି ସତ୍ୟବ୍ରତ ବ୍ୟସ୍ତ ହୋଇ କହିଲେ—'ଏଥର ତୁମକୁ ନେଇ ମୋତେ ସମୁଦ୍ରକୁ ଯିବାକୁ ପଡ଼ିବ । ଏହା ବ୍ୟତୀତ ଆଉ କିଛି ଉପାୟ ନାହିଁ । କିନ୍ତୁ ମୁଁ ତୁମକୁ ସେଠାକୁ ନେବି କିପରି ? ତୁମେ ଏତେ ବଡ଼ ହୋଇ ଯାଇଛ ଯେ, ସେଠାକୁ ନେବା ସହଜ ହେବ ନାହିଁ ।'

ମୀନରାଜ ଆଉ ଟିକିଏ ପାଖକୁ ଲାଗି ଆସି କହିଲେ—'ରାଜନ, ଆପଣ ଜଣେ ପ୍ରତାପୀ ରାଜା । ମୁଁ ଆପଣଙ୍କ ଶରଣ ପଶିଛି । ଆପଣ ନିଜ ତପୋବଳରେ ମୋତେ ସେଠାକୁ ନେଇ ଚାଲନ୍ତୁ । ଆପଣ ସବୁକିଛି କରିପାରିବେ ।'

ସତ୍ୟବ୍ରତ ମୀନ ରାଜାଙ୍କୁ ଯାହା ପଚାରିବା ଲାଗି ମନେ ମନେ ଭାବିଥିଲେ, ତାକୁ ଭୁଲିଗଲେ । ସେ ପ୍ରକୃତରେ ପଚାରିବାକୁ ଚାହିଁଥିଲେ— 'ତୁମେ କିଏ ? ମୋତେ ଏପରି ଭାବରେ ପରୀକ୍ଷା କରୁଛ କାହିଁକି ?'

ସେ ଗୋଟିଏ ନୂଆ ପ୍ରକାର ଅଡୁଆରେ ପଡ଼ିଗଲେ । ସେ ସବୁକିଛି ଭୁଲିଯାଇ କେବଳ ଚିନ୍ତା କଲେ—ଏଡ଼େ ବଡ଼ ମାଛଟିକୁ କିପରି ସମୁଦ୍ର କୂଳକୁ ନିଆଯିବ ?

Digitized by srujanika@gmail.com

ମାଛଟି ପାଣିରେ ପହଁରି ପହଁରି ଖେଳୁଥିଲା । ଏଡ଼େବଡ଼ ମାଛକୁ ଅନ୍ୟସ୍ଥାନକୁ କିପରି ନିଆଯିବ ? ଏହିକଥା ଚିନ୍ତା କରିକରି ସେ ବସି-ପଡ଼ିଲେ । ସେ ଭାବିଲେ—ଯଦି ମୁଁ ମୋ ମନକଥା ମୀନରାଜ ଆଗରେ କହିବସିବି, ତେବେ ସେ ଦୁଃଖିତ ହେବ । ଏକେତ ବିଚରା ଏଠାରେ କଷ୍ଟ ପାଉଛି, ତା'ପରେ ମୁଁ ଯଦି ମୋ ମନକଥା କହିଦିଏ, ତେବେ ସେ ଆହୁରି ଭାଙ୍ଗି ପଡ଼ିବ ?'

ମୀନରାଜ ରାଜାଙ୍କ ମନ କଥା ଜାଣିପାରିଲେ । ସେ ତାଙ୍କୁ କହିଲେ—'ଆପଣ କ'ଣ ଭାବୁଛନ୍ତି ରାଜନ ? ମୋତେ ଏଠାରୁ ଶୀଘ୍ର ନେଇଯିବେ ନା, ନାହିଁ ଯେ ?'

ରାଜର୍ଷି ମୀନରାଜଙ୍କୁ ସାନ୍ତ୍ୱନା ଦେଇ କହିଲେ—'ତୁମେ ଚିନ୍ତା କରନାହିଁ । ମୁଁ କେବଳ ତୁମରି କଥା ଭାବୁଛି । ତୁମକୁ ଏତେଦୂର କିପରି ନେବି, ସେଇ ଯୋଜନା କରୁଛି ।'

ସତ୍ୟବ୍ରତ ଅନେକ ଚିନ୍ତା କରିବା ପରେ ଠିକ୍ କଲେ—କେବଳ ତପୋବଳରେ ହିଁ ମାଛଟିକୁ ଏତେଦୂର ନିଆଯାଇ ପାରିବ ।'

ମୀନରୂପୀ ନାରାୟଣ ରାଜର୍ଷିଙ୍କ ଆଡ଼କୁ ଏକଲୟରେ ଚାହିଁ ରହିଲେ । ସେ ମନେ ମନେ ଭାବୁଥିଲେ—'ଏ' ରାଜା ମୋର ସବୁଠାରୁ ବଡ଼ ଭକ୍ତ । ଏଥର ପ୍ରଳୟ ପରେ ମୁଁ ଏହାକୁ ସୃଷ୍ଟିର ଆଦ୍ୟ 'ମନୁ' ରୂପେ ବାଛିବି । ଏ' ନିଜ ତପୋବଳରେ ମୋତେ ଚିହ୍ନିନେଇ ସାରିଲାଣି । ମୋ'ପ୍ରତି ତା' ମନରେ

Digitized by srujanika@gmail.com

ଅଶେଷ ଶ୍ରଦ୍ଧା ରହିଛି । ତେଣୁ ସେ ପ୍ରଳୟ ପରେ ନିଶ୍ଚୟ ମନୁ ପଦରେ ବସିବ । ସେ ତା'ର ଆଧ୍ୟାତ୍ମ୍ୟ ଜ୍ଞାନରେ ସମଗ୍ର ସୃଷ୍ଟିକୁ ଉନ୍ନତ କରିବ ।

ଛଅ

ସତ୍ୟବ୍ରତ ନିଜ ତପୋବଳରେ ମାଛଟିକୁ ସମୁଦ୍ର ତଟରେ ପହଞ୍ଚାଇ ଦେଲେ । ସମୁଦ୍ର କୂଳରେ ପହଞ୍ଚିବା ମାତ୍ରେ ସେ ଆଖିରୁ ଲୁହ ଝରାଇ କହିଲା—'ରାଜନ୍, ଆପଣ ମୋତେ ଏଠାରେ ଛାଡ଼ନ୍ତୁ ନାହିଁ । ଏ' ସମୁଦ୍ର ଭିତରେ ଅନେକ ବଡ଼ ବଡ଼ ଜୀବ ଅଛନ୍ତି । ସେମାନେ ମୋତେ ଖାଇଦେବେ । ଏହି ଭୟରେ ମୋ ଦେହ ଥରି ଉଠୁଛି । ମୁଁ ଏଠାରେ ରହିପାରିବି ନାହିଁ ।'

ରାଜର୍ଷି ସତ୍ୟବ୍ରତ ମନେ ମନେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । ସେ ସେ ଏଇ କେତେ ଦିନ ହେଲା ମନେ ମନେ ଯାହା ଭାବୁଥିଲେ, ତାହା ତାଙ୍କ ମୁହଁରୁ ବାହାରିଗଲା । ସେ ପଚାରିଲେ—'ତୁମେ କିଏ ? ମୁଁ ଏତେ ଦିନ ଧରି ରାଜ୍ୟ ଶାସନ କଲି । ଅନେକ ଜାଗା ବୁଲିଲି । ଅନେକ ଜୀବଜନ୍ତୁ ମୁଁ ଦେଖିଛି । କିନ୍ତୁ ତୁମପରି ଜନ୍ତୁଟିଏ ମୁଁ ଦେଖିନାହିଁ । ତୁମେ ଗୋଟିଏ ସାମାନ୍ୟ ମୀନ ରୂପେ ମୋ' ହାତକୁ ଆସିଥିଲ । ସେତେବେଳେ ମୁଁ ତୁମକୁ ମୋ କମଣ୍ଡଳୁ ମଧ୍ୟରେ ରଖିଥିଲି । କିନ୍ତୁ ତୁମେ ନିତ ନିତ ବଢ଼ିବାକୁ ଲାଗିଲ । ଶେଷରେ ଆଠଶହ ମାଇଲ ଲମ୍ବ ହ୍ରଦଟି ରହିବା ପାଇଁ ତୁମ ପକ୍ଷରେ ଯଥେଷ୍ଟ ହେଲା ନାହିଁ । ତୁମେ ଗୋଟିଏ ମାୟାବୀ ଜୀବ ପରି ବୋଧ ହେଉଛ । ତୁମର ମାୟା ଦୂରେଇ ଦେଇ ମୋତେ ତୁମର ପରିଚୟ ଦିଅ ।'

Digitized by srujanika@gmail.com

ମୀନରାଜ କିଛି ଉତ୍ତର ଦେଲେ ନାହିଁ । ରାଜା ମନେ ମନେ ଆତୁର ବ୍ୟସ୍ତ ହୋଇ ପଡ଼ିଲେ । ଏହି ସମୟରେ ସେ ଦେଖିଲେ—ମାଛଟିର ଦେହରୁ ଅଲୌକିକ ତେଜ ବାହାରୁଛି । ରାଜର୍ଷି ସତ୍ୟବ୍ରତ ସେ ତେଜକୁ ଦେଖି ଚମକି ପଡ଼ିଲେ । ହଠାତ୍ ତାଙ୍କ ମୁହଁରୁ ବାହାରି ପଡ଼ିଲା—ଆପଣ ନିଶ୍ଚୟ ସୃଷ୍ଟିର ପାଳନକର୍ତ୍ତା ବିଷ୍ଣୁ । ଆପଣଙ୍କୁ ପ୍ରଣାମ କରୁଛି ।



ତଥାପି ମୀନରାଜ କିଛି କହିଲେ ନାହିଁ । ତହୁଁ ସତ୍ୟବ୍ରତ ତାଙ୍କ ଆଡ଼କୁ ଅବାକ୍ ହୋଇ ଚାହିଁ ରହିଲେ । ସେ ମାଛଟିର ଆକୃତି ମଧ୍ୟରେ

Digitized by srujanika@gmail.com

ଅନେକ ପରିବର୍ତ୍ତନ ଲକ୍ଷ୍ୟ କଲେ । ଅନେକ ସମୟ ପର୍ଯ୍ୟନ୍ତ ମତ୍ସ୍ୟ କିଛି ଉତ୍ତର ନ ଦେବାରୁ, ସତ୍ୟବ୍ରତ ସେହିଠାରେ ସାଷ୍ଟାଙ୍ଗ ପ୍ରଣାମ କଲେ । ସେ ତଳୁ ଉଠି ହାତ ଯୋଡ଼ି କହିଲେ, 'ଆପଣ କ'ଣ ମୋତେ ପରୀକ୍ଷା କରୁଛନ୍ତି ଭଗବାନ ? ଆପଣ ଏପରି ମୀନ ଅବତାର ଧାରଣ କରିବା ମୂଳରେ କି ରହସ୍ୟ ରହିଛି ?'

ତଥାପି ମୀନରୂପୀ ନାରାୟଣ କୌଣସି ଉତ୍ତର ଦେଲେ ନାହିଁ ।

ସତ୍ୟବ୍ରତ ମନେ ମନେ ଭାବିଲେ— ଏ ନିଶ୍ଚୟ ଭଗବାନ । ଏଥିରେ କିଛି ହେଲେ ସନ୍ଦେହ ନାହିଁ । ଜଗତର କୌଣସି ଏକ ମହାନ କାର୍ଯ୍ୟ ପାଇଁ ଏ ଅବତାର ଗ୍ରହଣ କରିଛନ୍ତି । ଏହା ଭାବି ସେ ସେହିଠାରେ ଆଖିବୁଜି ନାରାୟଣଙ୍କୁ ସ୍ତୁତି କରିବାକୁ ଲାଗିଲେ ।

ଏକ ପ୍ରହର ବିତିଗଲା । ସେ ପ୍ରାର୍ଥନା କରିସାରି ଉଠିଲେ । ସେ ହାତ ଯୋଡ଼ି ମୀନରାଜଙ୍କ ଆଗରେ ଛିଡ଼ା ହୋଇ କହିଲେ—'ମୋ ଅପରାଧ କ୍ଷମା କରନ୍ତୁ ପ୍ରଭୋ । ମୁଁ ମୋର କର୍ତ୍ତବ୍ୟ କ'ଣ ଜାଣିନାହିଁ । ଆପଣ ମୋତେ କର୍ତ୍ତବ୍ୟର ମାର୍ଗ ଦେଖାଇ ଦିଅନ୍ତୁ । ହେ ପ୍ରଭୋ, ମୁଁ ଅନ୍ଧକାର ଭିତରେ ବୁଲୁଅଛି । ଆପଣ ମୋତେ ଆଲୋକର ମାର୍ଗ ଦେଖାଇ ଦିଅନ୍ତୁ ।'

ମୀନରୂପୀ ଭଗବାନ୍ ମୁଗ୍ଧ ନୟନରେ ସତ୍ୟବ୍ରତଙ୍କୁ ଚାହିଁ ରହିଥିଲେ । ସେହିପରି ଭାବରେ ଅନେକ ସମୟ ବିତିଗଲା । ତାଙ୍କର ବିନୟ ପ୍ରାର୍ଥନା ଶୁଣି ମୀନରାଜ କହିଲେ—'ରାଜନ୍, ତୁମେ ଠିକ୍ ଚିନ୍ତା କରିଛ । ମୁଁ ମୀନ ଅବତାର ଗ୍ରହଣ କରିଛି । ଆଜିଠାରୁ ସାତ ଦିନ ପରେ ମହା ପ୍ରଳୟ ହେବ । ସମଗ୍ର ଜଗତ୍ ଜଳରେ ବୁଡ଼ିଯିବ ।'

ସତ୍ୟବ୍ରତ ଆଶ୍ଚର୍ଯ୍ୟ ହୋଇ ପ୍ରଭୁଙ୍କ ଆଡ଼କୁ ଚାହିଁ ରହିଲେ । ତାଙ୍କ ପାଟିରୁ ପଦଟିଏ ହେଲେ କିଛି ବାହାରିଲା ନାହିଁ । ତା'ପରେ ନାରାୟଣ ପୁଣି

Digitized by srujanika@gmail.com

କହିଲେ, "ମୋ' କଥା କ'ଣ ବିଶ୍ୱାସ ହେଉନାହିଁ ?" "ନିଶ୍ଚୟ ପ୍ରଳୟ ହେବ ଏବଂ ପ୍ରଳୟଜଳରେ ଜଗତ ଧ୍ୱଂସ ହୋଇଯିବ ।"

'ତା'ହେଲେ ଆପଣ ମୀନ ଅବତାର ଧାରଣ କଲେ କାହିଁକି ?' ପଚାରିଲେ ସତ୍ୟବ୍ରତ ।

'ପ୍ରଳୟଜଳ ମଧ୍ୟରୁ ପୁଣି ସୃଷ୍ଟିକୁ ଗଢ଼ିବା ପାଇଁ ମୁଁ ମୀନରୂପ ଧାରଣ କରିଛି । ଏହି ଅବତାରରେ ତୁମକୁ ବଞ୍ଚାଇ ରଖିବା ମୋର ପ୍ରଧାନ କାର୍ଯ୍ୟ । ତୁମେ ମୋର ପ୍ରିୟ ଭକ୍ତ । 'ଆଗାମୀ କଳ୍ପରେ ତୁମରି ଦ୍ୱାରା ଧର୍ମ ପ୍ରଚାର କରାହେବ ।'

ସତ୍ୟବ୍ରତ ଅଧୀର ହୋଇ ଉଠି ପୁଣି ପଚାରିଲେ—'ପ୍ରଭୋ, ଆଉ କିଏ କିଏ ଏ' ପ୍ରଳୟରୁ ଉଦ୍ଧାର ପାଇ ବଞ୍ଚିବେ ?'

ନାରାୟଣ ସତ୍ୟବ୍ରତଙ୍କୁ କହିଲେ,'ପ୍ରଥମେ ସପ୍ତର୍ଷିଙ୍କୁ ରକ୍ଷା କରିବାକୁ ହେବ । ସେମାନଙ୍କ ବିନା ସୃଷ୍ଟି ପରିଚାଳିତ ହୋଇ ପାରିବ ନାହିଁ । ତୁମେ ସଙ୍ଗରେ କିଛି ଜଡ଼ିବୁଟି, ଫଳ, ଶସ୍ୟବୀଜ ଓ ଗୋ ଆଦି ପ୍ରାଣୀ ସଂଗ୍ରହ କରି ନେଇଯିବ । ପ୍ରଳୟ ପରେ ଯେଉଁ ସୃଷ୍ଟି ହେବ, ସେଥିରେ ସେଗୁଡ଼ିକ ମୂଳ ଜିନିଷ ରୂପେ ଗଣା ହେବ ।'

'ଆପଣଙ୍କ ଆଦେଶ ଅନୁସାରେ ମୁଁ ସେ ସମସ୍ତ ଜିନିଷ ସଂଗ୍ରହ କରିବି । କିନ୍ତୁ ପ୍ରଭୁ······'

ସତ୍ୟବ୍ରତଙ୍କ ପାଟିରୁ କଥା ଛଡ଼ାଇ ନେଇ ମୀନରୂପୀ ଭଗବାନ କହିଲେ,'ଯେଉଁ ଦିନ ପ୍ରଳୟ ଦୋଚି ଆସିବ, ମୁଁ ସେଦିନ ତୁମକୁ ରକ୍ଷା କରିବି । ତୁମ ପାଇଁ ମୁଁ ଗୋଟିଏ ବିରାଟ ନୌକା ପଠାଇବି । ତୁମେ ଜୀବଜନ୍ତୁ,

Digitized by srujanika@gmail.com

ଜଡ଼ିବୁଟି, ଶସ୍ୟବୀଜ ଓ ସପ୍ତର୍ଷିଙ୍କ ସହିତ ସେହି ନାବରେ ବସି ଭବସାଗରକୁ ପାର ହୋଇଯିବ । ହଁ, ଆଉ ଗୋଟିଏ କଥା ମନେ ରଖିବ । ତୁମେ ନାଗରାଜା ବାସୁକିଙ୍କୁ ମୋ କଥା ଜଣାଇ, ତାଙ୍କୁ ସାଥିରେ ଘେନି ଆସିବ ।'

ପ୍ରଭୁଙ୍କ ବାଣୀ ଶୁଣି ସତ୍ୟବ୍ରତ କୃତାର୍ଥ ହୋଇଗଲେ । ସେ ପ୍ରଭୁଙ୍କ କରୁଣାରେ କୃତ କୃତ ହୋଇ କହିଲେ—'ପ୍ରଭୋ ଆପଣ ଏ ଘୃଣ ଅଧମ ପ୍ରତି ଯେଉଁ କରୁଣା ଦେଖାଇଛନ୍ତି, ସେଥିପାଇଁ ମୋ ଜୀବନ ଧନ୍ୟ । ମୋ ତପସ୍ୟା ସଫଳ ହୋଇଛି ।'

ଏହା କହି ସେ ପୁଣି ସେହିଠାରେ ଭୂମିରେ ସାଷ୍ଟାଙ୍ଗ ପ୍ରଣାମ କଲେ ।

ମୀନରୂପୀ ଭଗବାନ ସତ୍ୟବ୍ରତଙ୍କୁ ଶୁଭାଶିଷ ଦେଇ କହିଲେ—'ତୁମେ ଶୀଘ୍ର ଯାଇ ସବୁତକ ଜନିଷ ସଂଗ୍ରହ କରି ନିଅ । ଆଜିଠାରୁ ଠିକ୍ ସପ୍ତମ ଦିନ ତୁମେ ଏହିଠାରେ ଉପସ୍ଥିତ ରହିବ । ପ୍ରଳୟକାଳର ଘୋର ମେଘ ଗର୍ଜନ, ଝଡ଼ ବତାସ, ସମୁଦ୍ରର ବଡ଼ ବଡ଼ ଢେଉ ଦେଖି ଆଦୌ ଭୟ କରିବ ନାହିଁ । ମୁଁ ତୁମ ପାଇଁ ଠିକ୍ ସମୟରେ ନୌକା ପଠାଇ ଦେବ ।'

ଏତିକି କହି ସାରି ପ୍ରଭୁ ମୀନରୂପୀ ଭଗବାନ ସମୁଦ୍ର ଜଳରେ ଉଭେଇ ଗଲେ । ସତ୍ୟବ୍ରତ ପୁଣି ଥରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରି ସେଠାରୁ ଆଶ୍ରମକୁ ଫେରି ଆସିଲେ ।

## ସାତ

ସତ୍ୟବ୍ରତ ନିଜ ଆଶ୍ରମକୁ ଚାଲିଗଲେ । ସେ ପୂଜାପାଠ ଶେଷ କରି ଶିଷ୍ୟମାନଙ୍କୁ ଫଳ, ଫୁଲର ଗଛ ସଂଗ୍ରହ କରିବା ପାଇଁ ପଠାଇ ଦେଲେ । ଆଉ

Digitized by srujanika@gmail.com

ଦଳେ ଶିଷ୍ୟ ଯାଇ ଗୁରୁଙ୍କ ଆଜ୍ଞା ଅନୁସାରେ ଶସ୍ୟ ବୀଜ ନେଇ ଆସିଲେ ।

ସତ୍ୟବ୍ରତ ପଡ଼ୋଶୀ ରାଜ୍ୟକୁ ପତ୍ର ଲେଖି ଦୁଇଜଣ ଶିଷ୍ୟଙ୍କୁ ପଠାଇଲେ । ସତ୍ୟବ୍ରତଙ୍କ ଅନୁରୋଧମତେ ପଡ଼ୋଶୀ ରାଜ୍ୟରୁ ଶିଷ୍ୟ ଦୁହେଁ ହାତୀ, ଘୋଡ଼ା ଓ ଗୋ ଆଦି ପ୍ରାଣୀ ସଂଗ୍ରହ କରି ନେଇ ଆସିଲେ । ଗୁରୁଙ୍କ ତତ୍ପରତା ଓ ଦ୍ରବ୍ୟ ସଂଗ୍ରହ ଦେଖି ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଗୁରୁଙ୍କୁ ଏ' ବିଷୟରେ ପଚାରିବାକୁ ଭାବୁଥିଲେ, କିନ୍ତୁ ସତ୍ୟବ୍ରତ ଏତେ ବ୍ୟସ୍ତ ଥିଲେ ଯେ ତାଙ୍କୁ କେହି କିଛି ପଚାରି ପାରିଲେ ନାହିଁ ।

ପରଦିନ ରାଜର୍ଷି ସତ୍ୟବ୍ରତ ଧ୍ୟାନରେ ବସି ସପ୍ତର୍ଷିଙ୍କୁ ସ୍ମରଣ କଲେ ।

ପରଦିନ ସତ୍ୟବ୍ରତ ନିତ୍ୟକର୍ମ ଶେଷ କରିବା ପରେ ଦେଖିଲେ ସପ୍ତର୍ଷି

Digitized by srujanika@gmail.com

ତାଙ୍କ ଆଶ୍ରମ ଉଦ୍ୟାନରେ ବସିଛନ୍ତି । ସେ ଧାଇଁ ଯାଇ ମୁନିମାନଙ୍କ ପାଦ ବନ୍ଦନା କଲେ । ସେମାନେ ସତ୍ୟବ୍ରତଙ୍କୁ ସ୍ନେହାଶିଷ ପ୍ରଦାନ କରି ପଚାରିଲେ—'ରାଜନ୍, ଆମମାନଙ୍କୁ ସ୍ମରଣ କରିବାର କାରଣ କ'ଣ ?'

ତହୁଁ ସତ୍ୟବ୍ରତ ସେମାନଙ୍କ ପାଦ୍ୟ, ଅର୍ଘ୍ୟ ଓ ଫଳମୂଳ ସମର୍ପଣ କରି କହିଲେ—'ମୁନିଗଣ, ଆପଣମାନେ ପ୍ରଥମେ ମୋ' ଉପଚାର ଗ୍ରହଣ କରନ୍ତୁ । ତା' ପରେ ମୁଁ ଆପଣମାନଙ୍କୁ ସମସ୍ତ ବିଷୟ ଜଣାଇବି ।'

ମୁନିମାନେ ସତ୍ୟବ୍ରତଙ୍କ ଉପଚାର ଗ୍ରହଣ କଲେ । ତା'ପରେ ରାଜର୍ଷି ଶିଷ୍ୟମାନଙ୍କୁ ଅନ୍ୟ କାମରେ ଲଗାଇ ଦେଇ ମୁନିମାନଙ୍କ ପାଦ ସେବା କରି ବସିଲେ । ସେତିକବେଳେ ସେ ମୀନ ରୂପଧାରୀ ପ୍ରଭୁଙ୍କ ବିଷୟରେ ଟୋଟି ଗୋଟି କରି କଥା ଶୁଣାଇ ଦେଲେ ।

ରାଜାଙ୍କ କଥା ଶୁଣି ମୁନିମାନେ ପରମ ସନ୍ତୋଷ ଲାଭକଲେ । ତହୁଁ ସତ୍ୟବ୍ରତ ସେମାନଙ୍କୁ ଭଗବାନଙ୍କ ଆଦେଶ ଶୁଣାଇ ଦେଇ କହିଲେ, 'ଦୁଇଦିନ ବିତି ଗଲାଣି । ମୁଁ ସବୁତକ ଦ୍ରବ୍ୟ ସଂଗ୍ରହ କରି ସାରିଲିଣି । ଆଉ କେବଳ ବାସୁକିଙ୍କୁ ଜଣାଇବା ଅବଶେଷ ରହିଛି । ଆଜି ସନ୍ଧ୍ୟା ସୁଦ୍ଧା ନାଗରାଜ ମୋ ସନ୍ଦେଶ ପାଇଯିବେ ।'

ତହୁଁ ସପ୍ତର୍ଷି ପଚାରିଲେ—'ରାଜନ୍, ଭଗବାନ୍ ତୁମକୁ ଆଉ କଣ କଣ କହିଛନ୍ତି ?'

ସତ୍ୟବ୍ରତ ମୁଣ୍ଡ ହଲାଇ ଦେଇ କହିଲେ ''ମୁନିଗଣ, ପ୍ରଭୁ ମୋତେ ଯାହା ଯାହା କହିଥିଲେ, ମୁଁ ଆପଣମାନଙ୍କୁ ଶୁଣାଇ ଦେଲି । ପରିଶେଷରେ ସେ କହିଥିଲେ—ଏ' କଳ୍ପ ଶେଷ ହୋଇଯିବ । ନୂତନ କଳ୍ପ ସୃଷ୍ଟିହେବ । ଭଗବାନଙ୍କ ଦ୍ୱାରା ପ୍ରେରିତ ନୌକାରେ ଯେଉଁମାନେ ବସିଥିବେ, କେବଳ ସେହିମାନେ ହିଁ ଏ' ପ୍ରଳୟରୁ ରକ୍ଷା ପାଇବେ ।''

Digitized by srujanika@gmail.com

ଏହା ଶୁଣି ମୁନିଗଣ ଅତ୍ୟନ୍ତ ଆନନ୍ଦିତ ହୋଇ ପୁଣି ପଚାରିଲେ 'କେବଳ ନୂତନ ସୃଷ୍ଟିର ରଚନା ନିମିତ୍ତ ଭଗବାନ୍ ମୀନ ଅବତାର ଧାରଣ କରିଛନ୍ତି ନା, ଏଥିରେ ଆଉ କିଛି ରହସ୍ୟ ରହିଛି ?'

ଏହା ଶୁଣି ମହର୍ଷି ସନକ ଧ୍ୟାନରେ ବସିଲେ। ସେ ଧ୍ୟାନ ବଳରେ ଜାଣିପାରି କହିଲେ—'ବେଦଚୋର ଶଙ୍ଖାସୁରକୁ ମାରିବା ପାଇଁ ପ୍ରଭୁ ମୀନ ରୂପ ଧାରଣ କରିଛନ୍ତି ।'

ଏହା ଶୁଣି ସତ୍ୟବ୍ରତ କହିଲେ—'ମୁନିବର, ସ୍ୱୟଂ ପିତାମହ ହେଉଛନ୍ତି ବେଦର ଅଧିକାରୀ। ତାଙ୍କଠାରୁ ବେଦ ଚୋରି ହେଲା କିପରି ?'

ମୁନି ସନକ ତପୋବଳରୁ ସବୁକଥା ଜାଣି କହିଲେ—'ହେ ରାଜନ୍, କଳ୍ପ ଶେଷରେ ବିଧାତା ବ୍ରହ୍ମଲୋକରେ ନିଦରେ ଶୋଇ ପଡ଼ନ୍ତି । ସେ ଶୋଇଥିବା ସମୟରେ ତାଙ୍କ ମୁଖରୁ ବେଦ ବାହାରି ପଡ଼ିଲା । ସେତିକବେଳେ ଖସି ପଡ଼ିଥିବା ବେଦକୁ ଶଙ୍ଖାସୁର ଗିଳି ଦେଇଛି। ତେଣୁ ପ୍ରଭୁ ମୀନ ରୂପ ଧାରଣ କରି, ସମୁଦ୍ରରେ ଲୁଚିଥିବା ଶଙ୍ଖାସୁରକୁ ବଧ କରିବେ ।' ଏହିପରି ଆଲୋଚନାରେ ଆଉ ଦୁଇଦିନ ବିତିଗଲା ।

ସତ୍ୟବ୍ରତ ମୁନିମାନଙ୍କୁ ସମସ୍ତ ଦ୍ରବ୍ୟ ଦେଖାଇଲେ । ସକଳ ପଦାର୍ଥ ଓ ପ୍ରାଣୀମାନଙ୍କୁ ଦେଖି ମୁନିମାନେ ଆନନ୍ଦିତ ହେଲେ। ସେମାନେ ସବୁତକ ଦ୍ରବ୍ୟ ନେଇ ସମୁଦ୍ରତଟକୁ ବାହାରିଲେ ।

ଏହି ସମୟରେ ସତ୍ୟବ୍ରତ କହିଲେ—'ମୁନିଗଣ, ପ୍ରଭୁଙ୍କ କହିବା ଅନୁସାରେ ଆଜ ପଞ୍ଚମ ଦିବସ । ଆମମାନଙ୍କ ଆଗରେ ଆଉ ଗୋଟିଏ ଦିନ ଅଛି । ଆଉ କ'ଣ କରିବାର କଥା ଆପଣମାନେ ମୋତେ ଉପଦେଶ ଦିଅନ୍ତୁ ।'

ଏହିପରି ଆଲୋଚନାରେ ସେଦିନଟି ବିତିଗଲା । ଷଷ୍ଠଦିନ ଆକାଶରେ ମେଘ ଘୋଟିଗଲା । କଳାମେଘ ଏପରି ଭାବରେ ଆକାଶରେ ଛାଇଗଲା ଯେ,

Digitized by srujanika@gmail.com

ସୂର୍ଯ୍ୟ ଆଉ ଦେଖାଗଲେ ନାହିଁ । ତହୁଁ ସତ୍ୟବ୍ରତ ଓ ଅନ୍ୟାନ୍ୟ ଋଷିବୃନ୍ଦ ଶୀଘ୍ର ବାହାରପଡ଼ିଲେ । କେବଳ ସେମାନେ ବାସୁକିଙ୍କୁ ଅପେକ୍ଷା କରିଥିଲେ । ନାଗରାଜ ଆସିପିବାରୁ ସମସ୍ତେ ଆନନ୍ଦିତ ହେଲେ ।

ଆଠ

ଶଙ୍ଖାସୁର ଆନନ୍ଦରେ ଫୁଲି ଉଠୁଥିଲା । କାରଣ, ସମଗ୍ର ବେଦ ତା' ମୁହଁରେ ରହିଥିଲା । ଏହା ପରେ ସେ ହେବ ସୃଷ୍ଟିର ନିର୍ମାତା । ତେଣୁ ସେ

Digitized by srujanika@gmail.com

ଜାଣିଶୁଣି ନିଜ ମୁହଁ ଖୋଲୁ ନ ଥିଲା । ତା' ବେଦକୁ କୌଣସି ଏକ ଗୁପ୍ତ ସ୍ଥାନରେ ଲୁଚାଇ ରଖିବା ପାଇଁ ଚାହୁଁଥିଲା । କିନ୍ତୁ ସେଥିପାଇଁ ଅବସର ମିଳୁ ନ ଥିଲା ।

ମୀନରୂପୀ ନାରାୟଣ ସତ୍ୟବ୍ରତଙ୍କ ଠାରୁ ବିଦାୟ ନେଇ ଶଙ୍ଖାସୁରକୁ ଖୋଜିବାକୁ ବାହାରିଲେ । ସେତେବେଳେ ଶଙ୍ଖାସୁର ଗୋଟିଏ ଗୁପ୍ତ ସ୍ଥାନରେ ବିଶ୍ରାମ ନେଉଥିଲା । ସେ ଦେଖିଲା, ଗୋଟିଏ ବିଶାଳକାୟ ମାଛ ତା' ଆଡ଼କୁ ମାଡ଼ି ଆସୁଛି । ସେ ମାଛଟିକୁ ଦେଖି ଭୟରେ ଥରି ଉଠିଲା । କାରଣ

Digitized by srujanika@gmail.com

ସେ ସମୁଦ୍ରରେ ବହୁ ବଡ଼ ବଡ଼ ଜନ୍ତୁଙ୍କୁ ଦେଖିଥିଲା । କିନ୍ତୁ ଏତେବଡ଼ ମାଛ ସେ କେବେ ହେଲେ ଦେଖି ନ ଥିଲା ।

ଶଙ୍ଖାସୁର ଆଶ୍ଚର୍ଯ୍ୟ ହୋଇ ବସିବା ସ୍ଥାନରୁ ଉଠି ପଡ଼ିଲା । ସେ ଆଦୌ ମୁହଁ ଖୋଲୁ ନ ଥିଲା । ସେ ଜାଣିଥିଲା—ମୁହଁ ଖୋଲିବା ମାତ୍ରେ ବେଦ ବାହାରି ଯିବେ ।

ବିଶାଳକାୟ ମାଛଟି ଶଙ୍ଖାସୁର ନିକଟକୁ ଆସି, ତାକୁ ପାଟିରେ କାମୁଡ଼ି ଧରିଲେ । ଯନ୍ତ୍ରଣାରେ ଚିତ୍କାର କରିବା ମାତ୍ରେ ତା' ପାଟି ଖୋଲିଗଲା । ତହୁଁ ବେଦମାନେ ଅସୁର ପାଟିରୁ ବାହାରି ଯାଇ ମାଛର ପାଟିରେ ପଶିଗଲେ । ବହୁ ସମୟ ପର୍ଯ୍ୟନ୍ତ ଶଙ୍ଖାସୁର ବିକଳରେ ଚିତ୍କାର କରିବାକୁ ଲାଗିଲା । ଶେଷରେ ମୀନରୂପୀ ନାରାୟଣଙ୍କ ଦନ୍ତ ଘାତରେ ତା'ର ମୃତ୍ୟୁ ହେଲା ।

ଶଙ୍ଖାସୁରର ମୃତ ଶରୀର ସମୁଦ୍ରରେ ଭାସିବାକୁ ଲାଗିଲା । ଅନ୍ୟାନ୍ୟ ଜଳଚର ଜୀବମାନେ ଆଶ୍ଚର୍ଯ୍ୟ ହୋଇ ଶତ୍ରୁଶବକୁ ଚାହିଁ ରହିଲେ ।

ମୀନରୂପୀ ଭଗବାନ ତାଙ୍କର ପ୍ରଥମ କାର୍ଯ୍ୟ ଶେଷ କଲେ । ତା'ପରେ ସେ ବ୍ରହ୍ମାଙ୍କ ନିକଟରେ ପହଞ୍ଚି ତାଙ୍କୁ ବେଦ ସମର୍ପଣ କଲେ ।

ନାରାୟଣଙ୍କ ମୁଖରୁ ସବୁ କଥା ଶୁଣି ବିଧାତା କହିଲେ—'ଦୁଷ୍ଟ ଶଙ୍ଖାସୁରକୁ ମାରି ଆପଣ ପୃଥିବୀର ଅଶେଷ କଲ୍ୟାଣ କରିଛନ୍ତି । ସେହି ଅସୁର ଜାତ ହେବା ଫଳରେ ଧରଣୀରେ ପାପ ବଢିଯାଇଥିଲା ।'

Digitized by srujanika@gmail.com

ବିଧାତାଙ୍କ ନିବେଦନ ଶୁଣି ନାରାୟଣ କହିଲେ—'ହେ ବ୍ରହ୍ମା, ମୁଁ ଧରଣୀଙ୍କୁ ଖୁବ୍ ଭଲ ପାଏ । ତା'ର ମଙ୍ଗଳ ପାଇଁ ମୋତେ ଅନେକ ରୂପରେ ଅବତାର ଗ୍ରହଣ କରିବାକୁ ପଡ଼ୁଛି । ଏବେ ମୁଁ ଯାଉଛି । ଏଥର ମୋତେ ସତ୍ୟବ୍ରତଙ୍କୁ ଉଦ୍ଧାର କରିବାକୁ ପଡ଼ିବ ।'

ଏହା କହି ମୀନରୂପୀ ଭଗବାନ ବ୍ରହ୍ମଲୋକରୁ ପୁଣି ସମୁଦ୍ରକୁ ଚାଲି ଆସିଲେ । ତାଙ୍କ କହିବା ଅନୁସାରେ ପ୍ରଳୟର ତାଣ୍ଡବଲୀଳା ଆରମ୍ଭ ହୋଇଗଲା । ପୃଥିବୀ ମହାପ୍ରଳୟ ଜଳରେ ବୁଡ଼ିଯାଇଥିଲା । ଆଉ କୌଣସି

Digitized by srujanika@gmail.com

ଜୀବ ବାହାରେ ଦେଖାଯାଉ ନ ଥିଲେ । ମୀନରୂପୀ ନାରାୟଣ ଚାରିଆଡ଼କୁ ଚାହିଁ ଅଗାଧ ଜଳରେ ଭାସି ଭାସି ଆଗେଇ ଚାଲିଲେ । ସେ ଯେଉଁ ମାର୍ଗ ଦେଇ ଯାଉଥିଲେ ସେ ଅଞ୍ଚଳର ଜୀବମାନେ ଭୟରେ ଥର ଉଠୁଥିଲେ । ଅନ୍ୟାନ୍ୟ ଜୀବମାନେ ମୀନରୂପୀ ଭଗବାନଙ୍କୁ ଯିବାମାର୍ଗରୁ ଅପସରି ଯାଉଥିଲେ ।

ଆକାଶ ସମ୍ପୂର୍ଣ୍ଣ କଳା ମେଘରେ ଭରିଗଲା । ତା'ପରେ ମେଘରୁ ଘୋର ଗର୍ଜନ ଶୁଭିଲା । ବିଜୁଳୀ ଚମକି ଉଠି ଆଖି ଝଲସାଇ ଦେଲା ।

ଧୀରେ ଧୀରେ ପବନର ବେଗ ବଢିଲା । ପ୍ରଚଣ୍ଡ ତୋଫାନ ଫଳରେ ଲହରୀର ବେଗ ବୃଦ୍ଧି ପାଇଲା । ସମୁଦ୍ରର ଲହରୀ ଖୁବ୍ ଉଚ୍ଚକୁ ଉଠିଲା । ସମୁଦ୍ର କୂଳରେ ମୁନିମାନଙ୍କ ସହିତ ସତ୍ୟବ୍ରତ ଛିଡ଼ା ହୋଇଥିଲେ ।

ମେଘ, ବିଜୁଳି ଓ ପବନ୍ ଧୀରେ ଧୀରେ ବଢିବାକୁ ଲାଗିଲା । ସମସ୍ତେ ତାହା ଦେଖି ଭୟଭୀତ ହୋଇ ଉଠିଲେ ।

ସତ୍ୟବ୍ରତ ସମସ୍ତଙ୍କୁ ଆଶ୍ୱସ୍ତ କରାଇ କହିଲେ—'ପ୍ରଭୁଙ୍କ ବଚନ କେବେ ହେଲେ ଅନ୍ୟଥା ହେବ ନାହିଁ । ସେ ଠିକ୍ ସମୟରେ ନୌକା ପଠାଇବେ । ଏଥିରେ ବ୍ୟସ୍ତ ହେବାର କିଛି ନାହିଁ ।'

ମୁନିମାନେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । ସେମାନେ ସମୁଦ୍ରର ଅଶାନ୍ତ ଅବସ୍ଥା ଦେଖି ଭୟଭୀତ ହୋଇ ଯାଇଥିଲେ । ଶେଷକୁ ସେମାନେ ସ୍ଥିର ହୋଇ ରହିପାରିଲେ ନାହିଁ । ଜଣେ ମୁନି ନିତାନ୍ତ ଭୟ ପାଇ କହିଉଠିଲେ

Digitized by srujanika@gmail.com

'ଭଗବାନ ଖୁବ୍ ଡେରି କରିଦେଲେଣି । କିଏ ଜାଣେ, କେତେବେଳେ ଆଉ ନୌକା ଆସି ଆମକୁ ଉଦ୍ଧାର କରିବ ।'

ସତ୍ୟବ୍ରତ ଆଦୌ ବ୍ୟସ୍ତ ହେଉ ନ ଥିଲେ । ସେ ସମସ୍ତଙ୍କୁ ବୁଝାଇ କହିଲେ—'ଏ ସମୟରେ ଏଣୁତେଣୁ କଥାରେ ମନ ଦିଅନ୍ତୁ ନାହିଁ । ଆମେମାନେ ଏକସ୍ୱରରେ ପରମ ପୁରୁଷଙ୍କୁ ସ୍ତୁତି କରିବା । ସେ ଆମକୁ ପ୍ରଳୟଜଳରୁ ନିଶ୍ଚୟ ଉଦ୍ଧାର କରିବେ ।'

ସତ୍ୟବ୍ରତଙ୍କ ଅନୁରୋଧରେ ସମସ୍ତେ ଏକ ସ୍ୱରରେ ଭଗବାନଙ୍କ ଯଶୋଗାନ କରିବାକୁ ଲାଗିଲେ । ଧୀରେ ଧୀରେ ସମୁଦ୍ରର ଜଳରାଶି ଉପରକୁ

Digitized by srujanika@gmail.com

ଉଠିଲା । ବନ ପର୍ବତ, ଗ୍ରାମ ନଗର ସବୁ କିଛି ଜଳରେ ବୁଡ଼ିଗଲା । ମୁନି, ବାସୁକି ଓ ସତ୍ୟବ୍ରତ ସମସ୍ତ ପ୍ରାଣୀ ଓ ଜଡ଼ିବୁଟି ଧରି ଗୋଟିଏ ଉଚ୍ଚ ସ୍ଥାନରେ ରହିଥିଲେ । ସେ ସ୍ଥାନଟି ସୁରକ୍ଷିତ ଅବସ୍ଥାରେ ରହିଥିଲା । ତଥାପି ସମସ୍ତେ ନିରାଶ ହୋଇ ଉଠିଲେ । ସମୁଦ୍ରର ଜୁଆର ବେଳେ ବେଳେ ସେମାନଙ୍କୁ ଛୁଇଁ ତଳକୁ ଖସି ଯାଉଥିଲା ।

ସମସ୍ତେ ଚାହିଁ ରହିଥିଲେ ଏକଲୟରେ ନୌକାର ଆଗମନ ପଥକୁ ।

## ନଅ

ଏହି ସମୟରେ ଦୂରରେ ଗୋଟିଏ ନୌକା ଦେଖାଗଲା । ସତ୍ୟବ୍ରତ ଆନନ୍ଦରେ ନାଚଉଠି କହିଲେ—'ଆମ ପାଇଁ ନୌକା ଆସିଗଲା ।'

ଏହା ଶୁଣିବା ମାତ୍ରେ ସମସ୍ତଙ୍କ ମୁହଁରେ ଆନନ୍ଦର ଜୁଆର ଖେଳିଗଲା ।

ଧୀରେ ଧୀରେ ନୌକାଟି ଆସି ମୁନିଙ୍କ ପାଖରେ ଲାଗିଗଲା । ତହୁଁ ସତ୍ୟବ୍ରତ କହିଲେ—'ପ୍ରଥମେ ଜୀବଜନ୍ତୁ, ଫଳମୂଳ, ଶସ୍ୟମାନ ନୌକାରେ ଥୋଇ ଦିଅନ୍ତୁ । ତା'ପରେ ଆମେମାନେ ବସିବା । ଆଉ ଅଳ୍ପ ସମୟ ପରେ ଚାରିଆଡ଼େ ଅନ୍ଧାର ଘୋଟିଯିବ । ପ୍ରଭୁ ମୋତେ ଆଗରୁ ଏହାର ସୂଚନା ଦେଇଛନ୍ତି ।'

Digitized by srujanika@gmail.com

ପ୍ରଥମେ ଘୋଡ଼ା, ହାତୀ, ଓଟ, ଗୋରୁମାନଙ୍କୁ ନୌକାରେ ଚଢାଇ ଦିଆଗଲା । ତା'ପରେ ସମସ୍ତେ ମିଶି ଫଳମୂଳ ଓ ଶସ୍ୟବୀଜଗୁଡ଼ିକୁ ନୌକାରେ ସଜାଇ ରଖିଲେ ।

ତା'ପରେ ବାସୁକିଙ୍କ ସହିତ ମୁନିମାନେ ନୌକାରେ ବସିପଡ଼ିଲେ । ଶେଷରେ ସତ୍ୟବ୍ରତ ପ୍ରଭୁଙ୍କ ମୀନରୂପକୁ ମନେ ମନେ ଧ୍ୟାନ କରି ନୌକା ଉପରକୁ ଉଠିଗଲେ । ସତ୍ୟବ୍ରତ ବୋଇତରେ ପାଦ ଦେବାମାତ୍ରେ, ତାହା ପୁଣି ସମୁଦ୍ର ଭିତରକୁ ଆଗେଇ ଚାଲିଲା ।

ଚାହୁଁ ଚାହୁଁ ଚାରିଆଡ଼େ ଘୋର ଅନ୍ଧକାର ଘୋଟିଗଲା । ନୌକା ଉପରେ ବସିଥିବା ଲୋକମାନେ ମଧ୍ୟ କେହି କାହାରିକୁ ଦେଖି ପାରିଲେ ନାହିଁ । ସମସ୍ତେ ଭୟରେ ଥରି ଉଠିଲେ ।

ଏହା ଅନୁଭବ କରି ସତ୍ୟବ୍ରତ କହିଲେ—'ଆପଣମାନେ ଆଦୌ ଚିନ୍ତା କରନ୍ତୁ ନାହିଁ । ଯେ ଆମ ପାଇଁ ନୌକା ପଠାଇଛନ୍ତି, ସେ ଆମକୁ ରକ୍ଷା କରିବେ । ଚାଲନ୍ତୁ, ଆମେମାନେ ସେହି ପରମେଶ୍ୱରଙ୍କ ନାମ ଜପ କରିବା ।'

ସମସ୍ତେ ମାଧବ, ମଧୁସୂଦନ ଚରାଚର ଗୁରୁଙ୍କ ନାମ ଜପ କରିବାକୁ ଲାଗିଲେ । କିଛି ସମୟ ପରେ ନୌକାର ଆଖପାଖ ଅଞ୍ଚଳରେ ଆଲୋକ ଖେଳିଗଲା । ସଭିଏଁ ଦେଖିବାକୁ ପାଇଲେ—ଗୋଟିଏ ବିଶାଳକାୟ ମାଛ ନୌକା ଆଡ଼କୁ ଆଗେଇ ଆସୁଛି ।

Digitized by srujanika@gmail.com



ସତ୍ୟବ୍ରତ ମୁନିମାନଙ୍କୁ କହିଲେ—'ଦେଖନ୍ତୁ, ଆମର ସୁରକ୍ଷା ପାଇଁ ସ୍ୱୟଂ ନାରାୟଣ ମାଛ ରୂପ ଧାରଣ କରି ଏ' ଆଡ଼କୁ ଆସୁଛନ୍ତି ।'

ସମସ୍ତେ ନାରାୟଣଙ୍କୁ ପ୍ରଣାମ କଲେ । ତା'ପରେ ମୀନରାଜ ନୌକା ପାଖକୁ ଲାଗିଆସି କହିଲେ—'ଆପଣମାନେ ବାସୁକିଙ୍କ ଲାଞ୍ଜରେ ଦଉଡ଼ି ପରି ଗୋଟିଏ ଫାଶ ପକାନ୍ତୁ । ସେଇ ଫାଶଟିକୁ ମୋ 'ଗାଲି'ରେ ଲଗାଇ ଦିଅନ୍ତୁ ।'

ତହୁଁ ସତ୍ୟବ୍ରତ ବାସୁକିଙ୍କୁ ପ୍ରାର୍ଥନା କଲେ । ବାସୁକି ଠିକ୍ ଗୋଟିଏ ଦଉଡ଼ି ପରି ହୋଇଗଲେ । ମୁନିମାନେ ବାସୁକିଙ୍କ ଲାଞ୍ଜରେ

Digitized by srujanika@gmail.com

ଗୋଟିଏ ଫାଶ ତିଆରି କଲେ । ମାଛର ଗାଲଟି ଗୋଟିଏ ବରାଃ ଖୁଣ୍ଟ ପରି ଉପରକୁ ଉଠିଥିଲା । ସେହି ଫାଶଟିକୁ ସେମାନେ ମାଛର ଗାଲରେ ଲଗାଇ ଦେଲେ ।

ନୌକାଟିକୁ ବରାଟକାୟ ମାଛ ନିଜ ଇଚ୍ଛା ଅନୁସାରେ ଟାଣି ନେଉଥିଲେ । ନୌକାଟି ତୀବ୍ର ଗତିରେ ପ୍ରଳୟଜଳ ମଧ୍ୟରେ ଆଗେଇ ଚାଲୁଥିଲା । ନୌକାର ଗତିରେ ସମସ୍ତେ ଭୟଭୀତ ହୋଇ ଉଠିଲେ । ତହୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ ନାରାୟଣ—'କେହି ଭୟ କର ନାହିଁ । ତୁମେମାନେ ହେବ ଆଗାମୀ କଳ୍ପର ପ୍ରଥମ ପ୍ରାଣୀ । କାହାରି କିଛି ଅନିଷ୍ଟ ହେବ ନାହିଁ । ସମସ୍ତେ ଶାନ୍ତ ହୋଇ ବସିରୁହ ।'

ସତ୍ୟବ୍ରତଙ୍କ ମନରେ ଆନନ୍ଦର ଜୁଆର ଫୁଲି ଉଠୁଥିଲା । ସେ କହିଲେ—'ଦେଖନ୍ତୁ ମୁନିଗଣ, ପ୍ରଭୁ ଆମର କର୍ଣ୍ଣଧାର ହୋଇଛନ୍ତି । ସେ ଆମ ବୋଇତକୁ କେଉଁ ଅଜଣା ସ୍ଥାନକୁ ଟାଣି ନେଉଛନ୍ତି । ଚାଲନ୍ତୁ, ଆମେମାନେ ସେଇ ଅଗତିର ଗତି ପ୍ରଭୁ ନାରାୟଣଙ୍କ ନାମ ଭଜନ କରିବା ।'

Digitized by srujanika@gmail.com